






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା’ ପୁଣି ପତ୍ନୀ ଛାଡି ପଳାଇବାର ୧ ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍‌ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ଦ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା’ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଦନି ଥାନାରେ ବିଷାକ୍ତ ଚା’ ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା’ ତିଆରି ସମୟରେ ଭୁଲ ବଶତଃ ଚା’ ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା’ ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା’ ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୱ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।


**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ମଇ ୨୧

# ଶ୍ରୀ ଶିରିଡ଼ି ସାଇ ଓ ଧୁନି ମାହାତ୍ମ୍ୟ



ବିପିନ ବିହାରୀ ରାଉତ


ଭଗବାନ ଶ୍ରୀ ଶ୍ରୀ ଶିରିଡ଼ି ସାଇନାଥଙ୍କ ପୁଣ୍ୟ ପାବନଧାମ ଶିରିଡ଼ିରେ ଅଖଣ୍ଡ ଧୁନି ପ୍ରଜ୍ୱଳିତ ହେଉଛି । ଭଗବାନ ଦେହ ଧାରଣ ସମୟରେ ଧୁନିର ଉଦି ସମସ୍ତଙ୍କୁ ପ୍ରଦାନ କରି ସେମାନଙ୍କ ଦୁଃଖ, କଷ୍ଟ, ଯନ୍ତ୍ରଣା, ଅଭାବକୁ ଲାଘବ କରୁଥିଲେ । ବର୍ତ୍ତମାନ ବି ସମଗ୍ର ଭାରତ ବା ବିଶ୍ୱର ଅଧିକାଂଶ ଶିରିଡ଼ି ସାଇ ମନ୍ଦିରରେ ଅଖଣ୍ଡ ଧୁନି ପ୍ରଜ୍ୱଳିତ ହେଉଛି । ପ୍ରତି ଶିରିଡ଼ି ସାଇ ଆଶ୍ରିତଙ୍କ ପାଇଁ ଏହି ଧୁନି ଓ ଧୁନିର ଉଦି ହେଉଛି ସମସ୍ତ ପ୍ରକାର ଖୁସି, ଆନନ୍ଦ ଓ ମୋକ୍ଷର ସଞ୍ଜିବନୀ । ତେବେ ଏହି ଧୁନି ସମ୍ପର୍କରେ ଆସନ୍ତୁ କିଛି ଆଲୋଚନା କରିବା ।

ଧୁନି 'ଧୁନ୍' ଶବ୍ଦରୁ ଆନୀତ । ଯାହାର ଅର୍ଥ ପ୍ରଜ୍ୱଳିତ କରିବା । 'ଉଦି'ର ଅର୍ଥ ଗମନ । ଉଦି ବିତରଣ ଦ୍ୱାରା ବାବା ଆମକୁ ଏହି ଶିକ୍ଷା ଦେଉଥିଲେ ଯେ ଏହି ବ୍ରହ୍ମାଣ୍ଡର ସମସ୍ତ ପଦାର୍ଥ ଉଦି ବା ଭସ୍ମତୁଲ୍ୟ କ୍ଷଣସ୍ଥାୟୀ । ପଞ୍ଚତତ୍ତ୍ୱରେ ନିର୍ମିତ ଆମର ଏହି ଶରୀର ମଧ ସାଂସାରିକ ଭୋଗାଦି ପରେ ଦିନେ ବିନାଶ ହୋଇ ଭସ୍ମରେ ପରିଣତ ହେବ । ଭକ୍ତମାନଙ୍କୁ ଏହି କଥା ସ୍ମରଣ କରାଇବା ନିମନ୍ତେ ଅର୍ଥାତ୍ ସେମାନଙ୍କ ଶରୀର ବି ଶେଷରେ ଭସ୍ମରେ ପରିଣତ ହେବ, ବାବା ଉଦି ବିତରଣ କରୁଥିଲେ । ଉଦି ଦ୍ୱାରା ବାବା ଆଉ ଗୋଟିଏ ଶିକ୍ଷା ମଧ ପ୍ରଦାନ କରୁଥିଲେ ଯେ ବ୍ରହ୍ମ ହିଁ ସତ୍ୟ, ଜଗତ ମିଥ୍ୟା ଅଟେ । ଏହିସଂସାରରେ ବସ୍ତୁତଃ କିଏ କାହାର ପିତା, ପୁତ୍ର ବା ପତ୍ନୀ ନୁହେଁ । ଆମେ ଏକା ଆସିଛୁ ଏବଂ ଏକାହିଁ ଯିବା । ତେଣୁ ଯେ ପର୍ଯ୍ୟନ୍ତ ଏହି ଶରୀର ଭସ୍ମରେ ପରିଣତ ନ ହୋଇଛି, ସେ ପର୍ଯ୍ୟନ୍ତ ଭଲଭାବରେ ଆଖି ଖୋଲି ଦେଖ ଏବଂ ସାବଧାନ ହୋଇଯାଅ । ଏହି ସୁଯୋଗ ଚାଲିଗଲେ, ବାରମ୍ବାର ଫେରିବ ନାହିଁ ଓ ପରେ ଅନୁଶୋଚନ (ଅନୁତାପ) କରିବାକୁ ପଡ଼ିବ । ଭସ୍ମ ହୋଇଯିବା ପରେ ଯଦି ଏହି କଥା ବୁଝିବ, ତେବେ କ'ଣ ଲାଭ ହେବ ? ସୁତରାଂ ମନେ ରଖିବାକୁ ହେବ ଯେ ଏହି ଭବସାଗରରୁ ପାରି ହେବାପାଇଁ ଈଶ୍ୱର ଚିନ୍ତନ (ଈଶ୍ୱର ପ୍ରାପ୍ତି) ବିନା ଅନ୍ୟ କୌଣସି ରାସ୍ତା ବା ସାଧନ ନାହିଁ । ଯିଏ ଏହାକୁ ସ୍ୱୀକାର କରେନାହିଁ, ଜାଣ ସେ ନିଜର ଗୋଡ଼ରେ କୁରାଢ଼ୀ ମାରିବାଭଳି କାର୍ଯ୍ୟ କରୁଛି । ଦ୍ୱାରିକାମାଇର ପ୍ରତ୍ୟେକ କୋଣରେ ଏହି ତତ୍ତ୍ୱ ସମାହିତ ହୋଇଛି । ବିବେକପୂର୍ଣ୍ଣ ଭାବେ ବିଚାର କଲେ ଏହି କଥା ହୃଦୟଙ୍ଗମ ହୋଇଯିବ ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ

# କରୁଣା ଓ କଲ୍ୟାଣ ଗଙ୍ଗାର ନାଉରୀ - ଲୋକନାଥ ଚୌଧୁରୀ

ସମୟର ବିଚିତ୍ର ଖେଳ । ବିଚିତ୍ର ଏ ବିଶ୍ୱ । ସୃଷ୍ଟି ବିଚିତ୍ର, ସ୍ରଷ୍ଟା ବିଚିତ୍ର, ବିଚିତ୍ର ଏ ସୁନ୍ଦର ପୃଥିବି । ବିଶ୍ୱ ନିଅନ୍ତାଙ୍କର କ୍ରୁର ନିର୍ଦ୍ଦେଶରେ ମଣିଷ, ପଶୁ, ପକ୍ଷୀ, ବୃକ୍ଷଲତା, କିଟ ପତଙ୍ଗ କାଳର କରାଳ ଗତିରେ ବିଲୀନ । ପ୍ରକୃତିର ଅପୂର୍ବ ସୋଭା ସୂର୍ଯ୍ୟ, ଚନ୍ଦ୍ର, ତାରା ଓ ଗ୍ରହ ମଣ୍ଡଳ । ସୃଷ୍ଟିର ଚିତ୍ରରେ ଅନେକ ଚିତ୍ର ବିଚିତ୍ର, ସୁନ୍ଦର କମନୀୟ, ନମନୀୟ ପ୍ରାଣୀ ଏବଂ ସେମାନଙ୍କ ମଧରେ ସର୍ବଶ୍ରେଷ୍ଠ ଈଶ୍ୱରଙ୍କ ପ୍ରଥମ ସୋପାନର ଆମ ମନୁଷ୍ୟ ସମାଜ । ମନୁଷ୍ୟର ଆକୃତି ଓ ପ୍ରକୃତି ପ୍ରତ୍ୟେକଙ୍କ ଠାରୁ ଭିନ୍ନ ଭିନ୍ନ । ସେହି ଭିନ୍ନ ଭିନ୍ନ ପରିମାପ କରିବା ପାଇଁ ରହିଛି ଅନନ୍ତ ଆକାଶ । ମାପକାଠି ମଧ୍ୟରେ ଅନିତ୍ୟ, ଅସାର କ୍ଷଣଭଙ୍ଗୁର ମାୟା ମୋହ ସଂସାରରେ କିଏ ଛାଡି ଯାଏ ପାଦ ଚିହ୍ନ, କାହାର ପାଦ ଚିହ୍ନ ଶୀଳାରେ ତ' କାହାର ପାଦ ଚିହ୍ନ ବାଲୁକା ଓ ପାଣିରେ । ଯିଏ ସମାଜ, ରାଷ୍ଟ୍ର, ଦେଶ, ଜଗତ ପାଇଁ କାମକରେ ତା'ର ପାଦ ଚିହ୍ନ ରହିଯାଏ ଶୀଳାରେ, ସେ ଅମର ହୋଇଯାଏ ସମାଜ ପାଇଁ । ଯେତେବେଳେ ଦେଶ ପରାଧୀନତା ଶୃଙ୍ଖଳରେ ଆବଦ୍ଧ । ସେହି ସମୟରେ ଏକ ମହନୀୟ ବ୍ୟକ୍ତିତ୍ୱ, ସମାଜ ସେବି, ପ୍ରାବନ୍ଧିକ, ବାମପନ୍ଥୀ ରାଜନେତା ୧୯୨୫ ମସିହା ମେ ମାସ ୧୯ ତାରିଖ ଦିନ ଜଗତସିଂହପୁର ଜିଲ୍ଲାର ତାଳଦଣ୍ଡା ଗ୍ରାମରେ ପିତା କୈଳାସ (କେଲୁ) ଚନ୍ଦ୍ର ଚୌଧୁରୀ, ମାତା ଚଂଚଳା ଦେବୀଙ୍କ କୋଳ ମଣ୍ଡନ କରି ଜନ୍ମ ଗ୍ରହଣ କରିଥିଲେ ଶ୍ରୀଯୁକ୍ତ ଲୋକନାଥ ଚୌଧୁରୀ । ପିଲାବେଳୁ ସେ ସାହାସୀ ଓ ଧର୍ଯ୍ୟର ପ୍ରତିକ ଥିଲେ । ସେ କେବେ ଭାଙ୍ଗିପଡି ନଥିଲେ ଦୁଃଖ ଓ ଯାତନାରେ । ତାଙ୍କ ବୋଉ ପୁରୀ ଲୋକନାଥଙ୍କ ପାଖରେ ସଂକଳ୍ପ କରିଥିବାରୁ ତାଙ୍କ ନାମ ଲୋକନାଥ ରଖା ଗଲା । ତାଙ୍କ ଜନ୍ମପରେ ତିନୋଟି ଭାଇ, ଗୋପିନାଥ, ଶ୍ରୀନାଥ, ସୋମନାଥ ଏବଂ ଦୁଇ ଭଉଣୀ ଶାବିତ୍ରୀ ଓ ଭାନୁମତୀ ଜନ୍ମ ଗ୍ରହଣ କରିଥିଲେ । ୫ ବର୍ଷ ବୟସରେ ଏଲ୍.ପି. ସ୍କୁଲ ତାଳଦଣ୍ଡାରେ ତାଙ୍କ ନାମ ଲେଖା ହେଲା । କିନ୍ତୁ ସେ ଘରେ ରହି ପାଠ ପଢୁଥିଲେ । ତା' ପରେ ସେ କୁଜଙ୍ଗ ବିଦ୍ୟାଳୟରେ ୪ ର୍ଥ ଶ୍ରେଣୀ ରେ ପାଠ ପଢିଲେ । ସେ ଭଲ ପାଠ ନ ପଢିବାରୁ ତାଙ୍କ ପିତା କାଦୁଆପଡା ଗାଦିବ୍ରହ୍ମ ବିଦ୍ୟାଳରେ ୫ମ ଶ୍ରେଣୀରେ ନମ ଲେଖାଇଲେ । ଲୋକନାଥ ବାବୁ ତାଙ୍କ ପିଉସା ସ୍ୱାଧୀନତା ସଂଗ୍ରାମୀ ଶ୍ରୀ ଜଗବନ୍ଧୁ ସାମନ୍ତରାୟଙ୍କ ଘରେ ରହି ପାଠ ପଢିଲେ । ୧୯୩୯ ମସିହାରେ ସେ ରେଭେନ୍ସା କଲଜିଏଟ ସ୍କୁଲ୍ କେନ୍ଦ୍ରରେ ପରିକ୍ଷା ଦେଇ ମାଇନର ପାସ୍ କଲେ । କୁଜଙ୍ଗ ସ୍କୁଲର ୮ମ ଶ୍ରେଣୀ ରେ ନାମ ଲେଖାଇ ପାଠ ପଢିଲେ । ମାଟ୍ରିକ୍ ସେକେଣ୍ଡ ଡିଭିଜନରେ ପାସ କରି ରେଭେନ୍ସା କଲେଜରେ ପ୍ରଥମ ବର୍ଷ କଳାରେ ନାମ ଲେଖାଇଲେ । ୧୯୪୬ ମସିହାରେ ଆ.ଏ. ପରିକ୍ଷାରେ ଫେଲ୍ ହୋଇ ରେଭେନ୍ସାରୁ ସାର୍ଟିଫିକେଟ୍ ନେଇ ଖ୍ରୀଷ୍ଟ କଲେଜରେ ପାଠ ପଢିଲେ । ତା'ପରେ ଆ.ଏ. ପାସ କରି ରେଭେନ୍ସା କଲେଜରେ ବି.ଏ. ଇତିହାସ ଅନର୍ସ ପାଠ ପଢିଲେ । ଏଠାରେ ପାଠ ପଢିବା ସମୟରେ ସେ ମହାପାତ୍ର ନିଳମଣି ସାହୁ , ଜାନକୀବଲ୍ଲଭ ପଟ୍ଟନାୟକ, ଉମା ଚରଣ ମହାପାତ୍ର , ରାଧା ମୋହନ ଗଡନାୟକଙ୍କ ସହିତ ମିଶି ସାହିତ୍ୟ ଆଲୋଚନା କରୁଥିଲେ । ସେହି ସମୟରେ ତାଙ୍କର ଲିଖିତ "କାଳି ଦାସ" ପ୍ରକାଶିତ ହୋଇଥିଲା । ପାର୍ଟି କନ୍ଭେନସନ କାର୍ଯ୍ୟରେ ବ୍ୟସ୍ତ ରହି ବି.ଏ. ସପ୍ଲିମେଂଟାରୀ ପରିକ୍ଷା



ଅକ୍ଷୟ କୁମାର ରାଉତ

ବିନା ଅନର୍ସରେ ଦେବାକୁ ପଡିଲା । ବାପା ପଠାଉଥିବା ପଇସା ଖର୍ଚ୍ଚ କରିଦେବାରୁ ରାଧା ମୋହନ ଗଡନାୟକଙ୍କ ଠାରୁ ୪୦୦ ଟଙ୍କା ଆଣି ପରିକ୍ଷା ଫିସ୍ ଦେଲେ । ବି.ଏ. ପରିକ୍ଷା ଦେଇ ପାସ୍ କଲେ ।

୧୯୪୭ ମସିହା ଏପ୍ରିଲ ମାସରେ ଲୋକନାଥ ବାବୁଙ୍କର ବିଭାଘର ରଙ୍ଗିଆ ଗଡ ନିବାସୀ ଶ୍ରୀ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କର ଝିଅ "ମାଳତୀ" ଙ୍କ ସହିତ ହୋଇଥିଲା । ତାଙ୍କର ଚାରୋଟି ଝିଅ ବିଜୟାଲକ୍ଷ୍ମୀ, ସଂଯୁକ୍ତା, ମଂଜୁରାଣୀ ଓ ସବିତା।

ସେ ଛାତ୍ର , କୃଷକ, ଶ୍ରମିକ, ଶିକ୍ଷକ, ରେଲ୍ କର୍ମଚାରୀ ଓ ଗଡଜାତ ଆନ୍ଦୋଳନରେ ପାର୍ଟି ତରଫରୁ ଯୋଗ ଦେଇ ବିଭିନ୍ନ ସମୟରେ ଜେଲ୍ ବରଣ କରିଥିଲେ । ପରେ ସେ ସକ୍ରିୟ ରାଜନିତୀରେ ଯୋଗ ଦେଲେ । ପ୍ରଥମ ସଧାରଣ ନିର୍ବାଚନରେ କଂଗ୍ରେସ ଗୌରିଶ୍ୟାମ ନାୟକଙ୍କୁ ପ୍ରାଥି କରିବାରୁ ବିରବର ସାମନ୍ତ ଓ ରତ୍ନମାଳି ଜେମା ଅସନ୍ତୁଷ୍ଟ ହୋଇ ଲୋକନାଥ ଚୌଧୁରୀଙ୍କୁ କମୁନିଷ୍ଟି ପାର୍ଟିରୁ ପ୍ରାର୍ଥୀ ହେବା ପାଇଁ ପ୍ରଭାବିତ କଲେ ଓ ନିର୍ବାଚନରେ ସଂପୂର୍ଣ୍ଣ ସାହାଯ୍ୟ କଲେ । ଲୋକନାଥ ବାବୁଙ୍କ ପରିବାରରେ ଜଳହଂସ ନାମରେ ଏକ ନୌକା ଥିଲା । ଏହି ନୌକାରେ ରତ୍ନମାଳି ଜେମା, ତାଙ୍କ ସାନଭଉଣୀ ଓ ତିନି ମାଉସୀ ନିର୍ବାଚନ ପ୍ରଚାର କଲେ । ଲୋକନାଥ ବାବୁ ତାଙ୍କର ଗୋଟିଏ ସାଇକେଲ କର୍ମୀ ମାନଙ୍କୁ ଦେଇ ନିଜେ ଚାଲି ଚାଲି ନିର୍ବାଚନ ପ୍ରଚାର କଲେ । ନିର୍ବାଚନ ଫଳ ପ୍ରକାଶ ପାଇଲା । ଶ୍ରୀଯୁକ୍ତ ଗୌରୀଶ୍ୟାମ ନାୟକ ୧୨ହଜାର ଭୋଟ ପାଇ ବିଜୟ ଲାଭ କଲେ । ନରେନ୍ଦ୍ର ନାୟକ ୭ ହଜାର ଭୋଟ ପାଇ ୨ୟ ସ୍ଥାନରେ ରହିଲେ । ଲୋକନାଥ ବାବୁ ୬ ହଜାର ୫୦୦ ଭୋଟ ପାଇ ୩ୟ ସ୍ଥାନରେ ରହିଲେ । ସେହି ଦିନ ଠାରୁ ସେ ଆଉ ପଛକୁ ଅନାଇ ନାହାନ୍ତି । ଖଟି ଖିଆ, ଶ୍ରମିକ ସମାଜର ଉନ୍ନତି ପାଇଁ ବାମପନ୍ଥି ଚିନ୍ତାଧାରାରେ ସମାଜର ଉନ୍ନତି ପାଇଁ ଲାଗିପଡିଛନ୍ତି । ଫଳ ସ୍ୱରୁପ ସେ ଜଣେ ଟାଣୁଆ ରାଜନେତା ହିସାବରେ ଜାତୀୟ ସ୍ତରରେ ନିଜ ନାମର ସାର୍ଥକତା ପ୍ରତି ପାଦନ କରିଛନ୍ତି । ଲୋକନାଥ ବାବୁ ନିର୍ବାଚନ ବୈତରଣୀରେ ୩ଥର (୧୯୫୭, ୧୯୬୧, ୧୯୭୪) ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ଦୁଇ ଥର ( ୧୯୮୯, ୧୯୯୧) ଲୋକ ସଭାକୁ ନିର୍ବାଚିତ ହୋଇଛନ୍ତି । ତାଙ୍କର ରଣ ହୁଂକାର ଯୋଗୁ ଶିକ୍ଷକ ମାନଙ୍କର ପ୍ରତ୍ୟକ୍ଷ ଦରମା ଓ ପେନ୍ସନ୍ ଏବଂ ଭାଗଚାଷୀ ଆଇନ ପ୍ରଣୟନ କରି ଲୋକଙ୍କର ପ୍ରିୟଭାଜନ ହୋଇ ପାରିଥିଲେ ।

ସେ ସମାଜର ବିଭିନ୍ନ ସମସ୍ୟା ଉପରେ ସରକାରଙ୍କୁ ଜଣାଉଥିଲେ ଓ ଦାବି ଉପସ୍ଥାପନ କରି ୧୧ ଦିନ, ୨୨ଦିନ ଓ ୪୨ ଦିନ ଅନଶନ କରି ସରକାରଙ୍କୁ ବାଧ୍ୟ କରୁଥିଲେ ସମସ୍ୟା ସମାଧାନ କରିବାକୁ । ପଶ୍ଚିମ ଓଡିଶାର ଦାରୁଣ ଖାଦ୍ୟ ଅଭାବ ଦାରିଦ୍ର୍ୟତା ଦେଖାଇ ଲୋକ ସଭାରେ ଅନଶନ ଧମକ ଦେଇ କେ.ବି.କେ. ଯୋଜନା ପ୍ରଣୟନ କରିଥିଲେ । ସେ ଭାରତୀୟ ପ୍ରତିନିଧି ଦଳର ସଦସ୍ୟ ରୂପେ ଜାତି ସଂଘକୁ ପ୍ରତିନିଧିତ୍ୱ କରିଥିଲେ । ଉପକୂଳ ବର୍ତୀ ଅଂଚଳକୁ ଲୁଣା ପାଣିରୁ ରକ୍ଷା ପାଇଁ ସାଲାଇନ୍ ଡିଭିଜନ ସୃଷ୍ଟି ତାଙ୍କର କୃତିତ୍ୱ । ଜଗତସିଂହପୁର ଲୋକସଭା ମଣ୍ଡଳୀରେ ଯେଉଁ ମାନେ ସାଂସଦ ହୋଇଛନ୍ତି ସେମାନଙ୍କ ମଧ୍ୟରୁ ଆମ କୁଜଙ୍ଗ ମାଟିର ୩ଜଣ ଯଥା- ଲୋକନାଥ ଚୌଧୁରୀ , ବିଭୁପ୍ରସାଦ ତରାଇ , ଡଃ. କୁଳମଣି ସାମଲା

ମହାନ୍ ବିପ୍ଲବି, ବାମପନ୍ଥୀ ଚିନ୍ତା ନାୟକ, ଜାତୀୟ ସ୍ତରର ଜଣେ ରାଜନୈତିକ ନେତା , ଏ ମାଟିର ଗର୍ବ ଓ ଗୌରବଙ୍କର କର୍ମମୟ ଜୀବନର ଅବସାନ ଘଟିଲା । ସେ ଦିନ ଥିଲା ୨୦୦୩ ମସିହା ମେ ମାସ ୧୨ ତାରିଖ । ତାଙ୍କର ବିରଳ ବ୍ୟକ୍ତିତ୍ୱ ତାଙ୍କୁ ଅମର କରି ରଖିବ । ତାଙ୍କ ସୁନାମର ସୁମନ, ସୁବାସ ମହକିତ କରୁଥିବ ଏ ମାଟିକୁ । ତାଙ୍କ ଅଭାବ ଏ ଅଂଚଳର କୃଷକ, ଖଟିଖିଆ, ଶିକ୍ଷକ, ଶିକ୍ଷିତ ସମାଜ କେବେ ଭୁଲି ପାରିବେ ନାହିଁ । ସେ ସର୍ବଦା ଆମଭିତରେ ବଂଚିରହିବେ ।

*।ରାଦ୍ଧୀପଗଡ, କୁଜଙ୍ଗ*
*ଜଗତସିଂହପୁର*
*ମୋ.ନଂ- ୯୯୩୭୬୯୧୪୭୫*

# କାଳଜୟୀ ପ୍ୟାରୀମୋହନ



ବାଦଲ ଭୂୟାଁ

୧୮୭୫ ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଓଡ଼ିଶାର ଇତିହାସ ଲେଖାଯାଇ ନଥିଲା । ତାହା ପୂର୍ବରୁ ଯାହାସବୁ ଲେଖାଯାଇଥିଲା, ସବୁ ଇଂରାଜୀରେ ଏବଂ ଅଣ-ଓଡ଼ିଆଙ୍କ ଦ୍ୱାରା । ହଣ୍ଟର, ଷ୍ଟର୍ଲିଂ ଓ ଟଏନ୍‌ବି ସାହେବ ଆଦି ଯେଉଁ ସବୁ ଓଡ଼ିଶା ଇତିହାସ ଲେଖିଥିଲେ, ସେସବୁ ଅସଂପୂର୍ଣ୍ଣ ଥିଲା । ଓଡ଼ିଆ ଜାତି ସଂପର୍କରେ ବହୁ କଥା ସେ ସବୁରେ ନଥିଲା । ମାତୃଭାଷାରେ ଜାତିର ଇତିହାସ ରଚନା ବିନା, ଲୋକଙ୍କ ଭିତରେ ଜାତୀୟତାଭାବ ଉଦ୍ରେକ ହୋଇପାରେନାହିଁ । ଏହା ବୁଝିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ ଏବଂ ଓଡ଼ିଆ ଭାଷାରେ ଆମ ଜାତିର ଇତିହାସ ଲେଖା ଆରମ୍ଭ କରିଥିଲେ । ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଥିଲା । ଅତୀତର ସମସ୍ତ ଘଟନା ପ୍ରବାହକୁ ସେ ନିଜ ପୁସ୍ତକରେ ସ୍ଥାନ ଦେବାରେ ସଫଳ ହୋଇଥିଲେ । ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରି ରଚନା କରିଥିଲେ ଓଡ଼ିଶା ଇତିହାସ, ଯେଉଁଟି ଉତ୍କଳୀୟଙ୍କ ମଧରେ ଉତ୍କଳୀୟ ଭାବ ଜାଗ୍ରତ କରିବାରେ ସକ୍ଷମ ହୋଇଥିଲା । ନିଜେ ବଙ୍ଗୀୟ ଥିଲେ ହେଁ ଓଡ଼ିଶା ଏବଂ ଓଡ଼ିଆ ଭାଷା, ତାଙ୍କ ପାଇଁ ଥିଲା ସବୁକିଛି । ପ୍ୟାରୀମୋହନ ଥିଲେ ସ୍ୱାଧୀନଚେତା ଓ ମାନବବାଦୀ । ସଦାସର୍ବଦା ମାନବ ସମାଜର ଉନ୍ନତି କାମନା କରୁଥିଲେ । ଅନ୍ୟାୟ, ଅନୀତି, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ । ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୮୭୧ରେ ଉତ୍କଳ ପୁତ୍ର ନାମକ ସମ୍ବାଦପତ୍ରର ପ୍ରକାଶନ ଆରମ୍ଭ କରିଥିଲେ । ଶିକ୍ଷାର ବିକାଶ ପାଇଁ ସେ ଖୋଲିଥିବା ବିଦ୍ୟାଳୟ, ୧୮୭୯ରେ କଟକ ଏକାଡ଼େମୀ ନାମକ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଥିଲା, ଯେଉଁଟି ଆଜି ସଗର୍ବେ ପ୍ୟାରୀମୋହନ ଏକାଡ଼େମୀ ଭାବେ ଛିଡ଼ା ହୋଇ ତାଙ୍କ ସ୍ମୃତିଚାରଣ କରୁଛି । ବିଦ୍ୟାର୍ଥୀଙ୍କ ଅର୍ଥରେ ବିଦ୍ୟାଳୟ ଚଳାଇବା ସଂଭବ ନହେବାରୁ, ତାକୁ ପୁଣି ଥରେ ଚାକିରି କରିବାକୁ ପଡ଼ିଥିଲା । ଡମପଡ଼ା ରାଜ୍ୟର ମ୍ୟାନେଜର ଭାବେ ସେ ନିଯୁକ୍ତି ପାଇଥିଲେ । ତତ୍କାଳୀନ ରାଜକୁମାରଙ୍କ ଗୃହ ଶିକ୍ଷା ଭାର ଗ୍ରହଣ କରିଥିଲେ । ଯାହା ବେତନ ପାଉଥିଲେ ସବୁ ନିଜ ବିଦ୍ୟାଳୟର ପରିଚାଳନାରେ ବ୍ୟୟ ହେଉଥିଲା । ୧୮୫୧ ଅଗଷ୍ଟ ଆଜିର ଦିନରେ କୁଆଁପାଳ ଅନ୍ତର୍ଗତ ପଶୁଲୁଣ୍ଡା ଗ୍ରାମରେ ସେ ଜନ୍ମ ହୋଇଥିଲେ ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,

# ମୁଣ୍ଡ ନେଉଛି ଜାଇକା; କାଳ ସାଜିଛି ବକ୍ସ ଡ୍ରେନ୍ ନିଷ୍କାସିତ ହୋଇପାରୁନି ବର୍ଷାଜଳ

ସହରର ମୁଖ୍ୟ ନାଳ ଜାଇକା କାମ ଯୋଗୁଁ ଅବ୍ୟବସ୍ଥିତ ହୋଇପଡ଼ିଥିବା ବେଳେ ଛୋଟବଡ଼ ନାଳଗୁଡ଼ିକ ପଙ୍କରେ ପୋତି ହୋଇପଡ଼ିବାରୁ ଜଳ ନିଷ୍କାସନ କ୍ଷମତା ଯଥେଷ୍ଟ ହ୍ରାସ ପାଇଛି । ଏଥିଯୋଗୁଁ ପ୍ରତିବର୍ଷ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ୩୦ ମିମିରୁ ଅଧିକ ବର୍ଷା ହେଲେ ପ୍ରାୟ ୧୧୦୦ କିମି ନାଳରେ ବର୍ଷାଜଳ ନିଷ୍କାସନ ହୋଇପାରିବନି ବୋଲି ଏକ ଆକଳନରୁ ଜଣାପଡ଼ିଛି । ନାଳ ସମସ୍ୟାକୁ ସୁଧାରିବା ପାଇଁ ଏକ ନୂତନ ଡ୍ରେନେଜ ଡିଭିଜନ ବିଭାଗ ଖୋଲିବା ପାଇଁ ପରିକଳ୍ପନା କରାଯାଇଥିଲେ ମଧ ତାହା କାଗଜକଲମରେ ସୀମିତ ରହିଛି ।

ଏହି ଆଠମାସ ମଧରେ କେବଳ ଜାଇକାରେ ଚାରୋଟି ମୁଣ୍ଡ ଚାଲିଗଲାଣି । ପୂର୍ବରୁ କେତେ ଯାଇଛି ତାହାର ହିସାବ ନାହିଁ । ଏମିତି ଗୋଟେ ପରେ ଗୋଟେ ମୁଣ୍ଡ ଜାଇକାରେ ଯାଉଛି । କିନ୍ତୁ କର୍ତ୍ତୃପକ୍ଷ ଚପ୍ । ନା କଟକ ମହାନଗର ନିଗମ ନା ଜାଇକା କର୍ତ୍ତୃପକ୍ଷ କେହି କିଛି କରୁଛନ୍ତି କି' ପଦକ୍ଷେପ ଗ୍ରହଣ ରୁଛନ୍ତି । ବର୍ଷାଦିନେ ଏହି ସମସ୍ୟା ଆହୁରି ସାଂଘାତିକ ଅବସ୍ଥା ହେଲାଣି । ଜାଇକା ବକ୍ସଡ୍ରେନ ନିର୍ମାଣ କାର୍ଯ୍ୟ ଶେଷ ହେଉ ନଥିବାରୁ ପାଣି ନିଷ୍କାସନରେ ସମସ୍ୟା ଦେଖାଦେଇଛି । ଜାଇକା ପକ୍ଷରୁ କଟକ ସହରରେ ଡ୍ରେନେଜ୍ ଠାରୁ ଆରମ୍ଭ କରି ବକ୍ସଡ୍ରେନ ପର୍ଯ୍ୟନ୍ତ ନିର୍ମାଣ ଚାଲିଛି । ପ୍ରାୟ ୧୨ ବର୍ଷ ଧରି ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲେ ମଧ ଏହା ଶେଷ ହେଉନାହିଁ । ବାରମ୍ବାର ଶେଷ ହେବା ପାଇଁ କଷ୍ଟ ଧାର୍ଯ୍ୟ ହେଉଛି । ପ୍ରଥମେ ୨୦୧୮ ସେପ୍ଟେମ୍ବରରେ ଶେଷ ହେବ ବୋଲି କୁହାଗଲା । କିନ୍ତୁ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ । ଫଳରେ ପୁନର୍ବାର ୨୦୨୨ ଡିସେମ୍ବରକୁ କାମ ଶେଷ ହେବ ବୋଲି ଧାର୍ଯ୍ୟ ହୋଇଥିଲା । ଏବେ ଏହି ସମୟ ଯାଇ ୨୦୨୩ ଶେଷ ହେବାକୁ ବସିଛି । କିନ୍ତୁ ଚଳିତବର୍ଷ ମଧ ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇପାରିବ ନାହିଁ ବୋଲି ଜଳ ଜଳ ଦିଶୁଛି । ଏହି ପ୍ରକଳ୍ପ କାର୍ଯ୍ୟ ଶେଷ ନ ହୋଇ ବାରମ୍ବାର ସମୟ ଗଡ଼ାଇ ଚାଲିଥିବାରୁ ପ୍ରକଳ୍ପ ଅର୍ଥ ୭୫୦ କୋଟିରୁ ଆସି ୩ ହଜାର ୭୦ କୋଟିରେ ପହଞ୍ଚିଲାଣି । କିନ୍ତୁ ଏହି ପ୍ରକଳ୍ପ ପାଇଁ କଟକ ସହରରେ ଅନେକ ମୁଣ୍ଡ ଚାଲିଗଲାଣି । ଚଳିତ ବର୍ଷ ମେ' ୨୯ ତାରିଖ ଦିନ ମାତୃଭବନ ନିକଟରେ ଚାଲିଥିବା ନିର୍ମାଣ କାର୍ଯ୍ୟ ପାଇଁ ସେଠାରେ ଏକ କାରରେ ଯାଉଥିବା ଦମ୍ପତି ନାଳରେ ଗଳି ପଡ଼ିଥିଲେ । ଏଥିରେ ସ୍ୱାମୀଙ୍କର ମୃତ୍ୟୁ ହୋଇଯାଇଥିଲା । ମେ' ୩୦ ତାରିଖ ଦିନ ଜଣେ ଛାତ୍ରୀ ମଧ ଏହି ବକ୍ସଡ୍ରେନ୍‌ରେ




ମହେଶ୍ୱର ରାଓ

ଅଟକି ଯିବାରୁ ମୃତ୍ୟୁ ହୋଇଥିଲା । ଜୁଲାଇ ୧୬ରେ ରାଜସ୍ଥାନର ଜଣେ ଯୁବକଙ୍କ ମଧ ଏହି ବକ୍ସଡ୍ରେନ ପାଇଁ ଜୀବନ ଚାଲିଗଲା । ଗତ ୭ ତାରିଖରେ ଜଣେ ସଫେଇ କର୍ମଚାରୀ ନରସିଂହ ରାଓଙ୍କର ମଧ ସ୍ୱରେଜ ଟାଙ୍କି ସଫା କରୁଥିବାବେଳେ ମୃତ୍ୟୁ ହୋଇଯାଇଥିଲା । ଏଥିରୁ ମାତ୍ର ଜଣଙ୍କର ପରିବାରକୁ କ୍ଷତିପୂରଣ ପ୍ରଦାନ କରାଯାଇଛି । ଏ ସଂକ୍ରାନ୍ତରେ ସିଏମସି ଏବଂ ଜାଇକାରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳୁନାହିଁ ।

ନାଳ ନିର୍ମାଣ ଢ଼ାଞ୍ଚା ଢ଼ାଞ୍ଚା ଠିକ ଭାବେ ହୋଇଯାଇ ନଥିବାରୁ ସାମାନ୍ୟ ବର୍ଷା ହେଲେ ପରିସ୍ଥିତି ଜଟିଳ ହେଉଛି । ରାସ୍ତା ଓ ଡ୍ରେନ ଏକାକାର ହେବା ସହିତ ଘଣ୍ଟା ଘଣ୍ଟା ଧରି ଦୂଷିତ ଜଳ ଜମି ରହୁଛି । ଓଡ଼ିଶା ପୌର ନିଗମ ନିୟମ ଅନୁଚ୍ଛେଦ ୨୮୭ (୧) ଅନୁଯାୟୀ ସହରରୁ ଜଳ ନିଷ୍କାସନ କରିବା ପାଇଁ ଆବଶ୍ୟକ ନୂତନ ନାଳ ନିର୍ମାଣ, ମରାମତି ଏବଂ ଏହାର ରକ୍ଷଣାବେକ୍ଷଣ କରିବା ଦାୟିତ୍ୱ ନିଗମ ଉପରେ ନ୍ୟସ୍ତ କରାଯାଇଛି । ସମ୍ପ୍ରତି ମହାନଗର ନିଗମ ଏହା କରୁଥିଲେ ସୁଦ୍ଧା ତାହାକୁ ସୁଚାରୁରୂପେ ସମ୍ପାଦିତ କରିପାରୁନାହିଁ । ଉପଯୁକ୍ତ ଜ୍ଞାନକୌଶଳ ଓ ଯୋଜନା ଅଭାବ ସହିତ ଭବିଷ୍ୟତକୁ ଦୃଷ୍ଟି ରଖି ନାଳ ବ୍ୟବସ୍ଥା ତିଆରି କରାଯାଉନାହିଁ । ଏଥିପାଇଁ ଆବଶ୍ୟକ ଡ୍ରେନେଜ ଡିଭିଜନ ନଥିବାରୁ ତାହା ହୋଇପାରୁନାହିଁ । ମହାନଗର ନିଗମରେ ଥିବା ଯନ୍ତ୍ରୀମାନେ ଏଥିପ୍ରତି ଯତ୍ନବାନ ହେଉନାହାଁନ୍ତି । ପୂର୍ବରୁ ଥିବା ନାଳ ଗୁଡ଼ିକ ଭୌଗୋଳିକ ଦୃଷ୍ଟିକୋଣରୁ ନିର୍ମାଣ ହୋଇ ନଥିବାରୁ ସେଥିରେ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେଉଛି । ସମ୍ପ୍ରତି ସହରରେ ୧୭୨୪ କିଲୋମିଟର ପର୍ଯ୍ୟନ୍ତ ନାଳ ପରିବ୍ୟାପ୍ତ ହୋଇଛି । ସେଥିରୁ ମୁଖ୍ୟ ନଳ ଏମଏସଡବ୍ଲ୍ୟୁସି-୧ ଓ ଏମଏସଡବ୍ଲ୍ୟୁସି-୨ରେ ଦୂଷିତ ଜଳ ପ୍ରବାହିତ ହୋଇ ନଦୀରେ ମିଶୁଛି । ୨୯ କିଲୋମିଟର ଶାଖା ନାଳ ରହିଥିବାବେଳେ ୬୫୦ କିଲୋମିଟର ମଧ୍ୟମ ଏବଂ ୧୦୨୮ କିଲୋମିଟର କଚ୍ଚା ନାଳ ସହରରେ ରହିଛି । ଏହି ନାଳ ଗୁଡ଼ିକ ମଧ୍ୟରୁ ପ୍ରାୟ ୧୧୦୦ କିମି ନାଳ ଅବ୍ୟବସ୍ଥିତ ଭାବେ ରହିଥିବାରୁ ପ୍ରତିବର୍ଷ ସହରରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜୁଛି । ଅନ୍ୟପକ୍ଷରେ ପ୍ଲାଷ୍ଟିକ, ପଲିଥିନ ଓ ଆବର୍ଜନା ଆଦି ନାଳରେ ଭର୍ତ୍ତି ହେବା ଯୋଗୁଁ ଅର୍ଦ୍ଧାଧିକ ନାଳରେ ଜଳ ନିଷ୍କାସିତ ହୋଇପାରୁନାହିଁ । ଏହି ସମସ୍ୟାକୁ ସୁଧାରିବା ପାଇଁ କର୍ତ୍ତୃପକ୍ଷ ୨୦୧୫ରେ ସ୍ୱତନ୍ତ୍ର ଭାବେ ଡ୍ରେନେଜ ବିଭାଗ ଖୋଲିବା ପାଇଁ ଯୋଜନା କରିଥିବାବେଳେ ୨୦୧୭ ଅକ୍ଟୋବର ୩୧ରେ କାଉନସିଲ ବୈଠକରେ ଅନୁମୋଦନ ହୋଇଥିଲା, କିନ୍ତୁ ଆଜି ପର୍ଯ୍ୟନ୍ତ ଏହି ଡିଭିଜନର କୌଣସି ପ୍ରକ୍ରିୟା ଆଗେଇ ପାରିନାହିଁ । ସିଏମସି କର୍ତ୍ତୃପକ୍ଷ ଏଥିନେଇ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଉପରେ ଚାପ ପ୍ରୟୋଗ କରୁନାହାନ୍ତି । ନାଳ ନିର୍ମାଣ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ଅନୁଦାନ ଯୋଗାଇ ଦେଉଛନ୍ତି । ନିର୍ମାଣରେ ବୈଷୟିକ ତ୍ରୁଟି ରହୁଥିବାରୁ ଜଳ ନିଷ୍କାସିତ ହୋଇପାରୁନାହିଁ । ଏଥିପାଇଁ ଅଯଥାରେ ଅର୍ଥଶ୍ରାଦ୍ଧ କରାଯାଉଛି ।

*ତନ୍ତୀ ସାହି (ଓଡ଼ିଆ ବଜାର), ଦରଘା ବଜାର, କଟକ,*
*ଦୂରଭାଷ : ୯୦୪୦୨୨୮୪୯୧*

# ଦୁର୍ବଳ ଆଇନ ଓ ବର୍ଦ୍ଧିଷ୍ଣୁ ଅପରାଧ



ଗଙ୍ଗାଧର ସାମଲ

ଭାରତୀୟ ପିଙ୍ଗଳ କୋଡ଼ ଅପରାଧୀ ପାଇଁ ପାଞ୍ଚ ପ୍ରକାର ଦଣ୍ଡର ବ୍ୟବସ୍ଥା କରିଛି – ମୃତ୍ୟୁଦଣ୍ଡ, ଆଜୀବନ କାରାଦଣ୍ଡ, ସଶ୍ରମ ବା ଅଶ୍ରମ କାରାଦଣ୍ଡ, ଅର୍ଥଦଣ୍ଡ ଓ ସମ୍ପତ୍ତି ଜବତ । ପ୍ରତ୍ୟେକ ଅପରାଧ ପାଇଁ ସର୍ବନିମ୍ନ ତଥା ସର୍ବୋଚ୍ଚ ଦଣ୍ଡର ବ୍ୟବସ୍ଥା ରହିଛି । ଅପରାଧୀ, ଅପରାଧର ବିଭାଗ ଓ ଅନ୍ୟାନ୍ୟ ବିଷୟକୁ ବିଚାରକୁ ନେଇ ବିଚାରପତି ସଂପୃକ୍ତ ଦୋଷୀକୁ ଦଣ୍ଡ ପ୍ରଦାନ କରିଥାନ୍ତି । ଆଇନରେ କେତେକ ନୃଶଂସ ଓ ଗର୍ହିତ ଅପରାଧ ପାଇଁ ଯଦିଚ ମୃତ୍ୟୁଦଣ୍ଡର ବ୍ୟବସ୍ଥା ରହିଛି, ଏହି ଦଣ୍ଡକୁ ଦେଶରେ ପ୍ରାୟତଃ ନିଷ୍କ୍ରିୟ କରି ଦିଆଯାଇଛି । ଗତ ୧୦ ବର୍ଷ ମଧରେ ୧୩୦୩ ଜଣ ଦୋଷୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିବା ବେଳେ, ମାତ୍ର ୬ଜଣଙ୍କୁ ଏହି ସମୟ ମଧରେ ଫାଶୀ ଦିଆଯାଇଥିଲା । ଏମାନଙ୍କ ମଧରୁ ୪ଜଣଙ୍କୁ ନିର୍ଭୟା ମାମଲାରେ ଗତ ୨୦୨୦ ସାଲରେ ଶେଷ ଥର ପାଇଁ ଫାଶୀ ଦିଆଯାଇଛି । ଗତ ୭୩ ବର୍ଷ ମଧରେ ମାତ୍ର ୧୭୪ ଜଣଙ୍କୁ ମୃତ୍ୟୁଦଣ୍ଡ ପ୍ରଦାନ କରାଯାଇଛି । ଅନେକ ନୃଶଂସ ହତ୍ୟା ମାମଲା ପାଇଁ ଯଦିଚ ଆମ ଆଇନରେ ସର୍ବୋଚ୍ଚ ଦଣ୍ଡ ମୃତ୍ୟୁଦଣ୍ଡ ରହିଛି, ତଥାପି ଅନେକ ଏଭଳି ଅପରାଧରେ ଲିପ୍ତ ଦୋଷୀଙ୍କୁ ତାହା ପ୍ରଦାନ ନକରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରୁଛନ୍ତି । ସମୟକ୍ରମେ ଏହି ଆଜୀବନ କାରାଦଣ୍ଡ, ଆମ ସମ୍ବିଧାନ ଓ ବିଭିନ୍ନ ଆଇନରେ କେତେକ ବ୍ୟବସ୍ଥା ଯୋଗୁଁ ୨୦ ବର୍ଷ ବା ୧୪ ବର୍ଷ କାରାଦଣ୍ଡରେ ପରିବର୍ତ୍ତିତ ହେଉଛି । ମାନ୍ୟବର ସୁପ୍ରିମକୋର୍ଟ ନିଜେ 'ଗୋପାଳ ବିନାୟକ ଗଡ଼ସେ ବନାମ ମହାରାଷ୍ଟ୍ର ରାଜ୍ୟ (୧୯୬୦)' ଏବଂ 'ମହମ୍ମଦ ମୁନ୍ନା ବନାମ ଭାରତୀୟ ରାଷ୍ଟ୍ର ସଂଘ (୨୦୦୫)' ଇତ୍ୟାଦି ନିଷ୍ପତ୍ତିରେ ସ୍ପଷ୍ଟ କରିଦେଇଛନ୍ତି ଯେ ଆଜୀବନ କାରାଦଣ୍ଡର ଅର୍ଥ ହେଲା ସମଗ୍ର ଜୀବନ ପାଇଁ ଅପରାଧୀ ବନ୍ଦୀ ଜୀବନଯାପନ କରିବ । ଏହା ସତ୍ତ୍ୱେ ଫୌଜଦାରୀ ପ୍ରକ୍ରିୟା ସଂହିତାର ଧାରା ୪୩୨, ୪୩୩, ୪୩୩ (କ) ଏବଂ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୫୪, ୫୫ ଓ ୫୭ ତଥା ରାଜ୍ୟ କାରାଗାର ଆଇନର ବିଭିନ୍ନ ବ୍ୟବସ୍ଥା ଯୋଗୁଁ ଆଜୀବନ କାରାଦଣ୍ଡ ପାଇଥିବା ଦୋଷୀମାନଙ୍କୁ ତାଙ୍କର ଜୀବିତାବସ୍ଥାରେ କାରାଦଣ୍ଡରୁ ମୁକ୍ତ କରାଯାଉଛି । ଅନେକ ଏଭଳି ଅପରାଧୀ ପରବର୍ତ୍ତୀ କାଳରେ ନିଜେ ଅଧିକ ଅପରାଧ କରିବାକୁ ଉତ୍ସାହିତ ହେଉଥିବା ସଙ୍ଗେ ସଙ୍ଗେ ଅନ୍ୟ ଅପରାଧୀ ମାନଙ୍କୁ ମଧ ଅପରାଧ କରିବା ପାଇଁ ପ୍ରୋତ୍ସାହିତ କରୁଛନ୍ତି । ଏ କ୍ଷେତ୍ରରେ ପ୍ରଶାସନ ସହିତ ଆମ ସମସ୍ତଙ୍କର ସଚେତନଧର୍ମୀ ଗୁରୁ ଦାୟିତ୍ୱ ରହିଛି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

# ଜୀବନର ଶେଷ ଲକ୍ଷ୍ୟ ଅଙ୍ଗଦାନ

ଅଙ୍ଗଦାନ ଏପରି ଏକ ପ୍ରକ୍ରିୟା ଯେଉଁଥିରେ ଜଣେ ବ୍ୟକ୍ତି (ମୃତ ଓ ଜୀବିତ) ଠାରୁ ସୁସ୍ଥ ଅଙ୍ଗ ଏବଂ ଟିସୁକୁ ନେଇ ଅନ୍ୟ ବ୍ୟକ୍ତିଙ୍କ ଠାରେ ରୋପଣ କରାଯାଏ । ଗୋଟିଏ ବ୍ୟକ୍ତିର ଶରୀରରୁ ୫୦ଜଣ ରୋଗୀ ଉପକୃତ ହୋଇପାରନ୍ତି । ଆମ ଦେଶରେ ଯକୃତ, ବୃକକ୍, ହୃଦୟ, ଅଗ୍ନ୍ୟାଶୟ ପ୍ରତ୍ୟାରୋପଣ କରିବାର ସୁବିଧା ରହିଛି । ଏହାବ୍ୟତୀତ ଇଣ୍ଟେଷ୍ଟାଇନ୍, ଫୁସ୍‌ଫୁସ୍, ତ୍ୱଚା, ଅସ୍ଥି ଏବଂ ଅସ୍ଥିମଜ୍ଜା ଓ ଆଖି ଆଦି ମଧ ଦାନ କରାଯାଏ । ଅଙ୍ଗଦାନ ଦୁଇ ପ୍ରକାରର ସମ୍ପୂର୍ଣ୍ଣ ଅଙ୍ଗଦାନ ଏବଂ ଟିସୁ ଦାନ । ଅଙ୍ଗଦାନ ଅଧୀନରେ ବୃକକ୍, ଯକୃତ, ହୃତ୍ପିଣ୍ଡ, ଅନ୍ତ୍ର, ଅଗ୍ନ୍ୟାଶୟ, ଫୁସ୍‌ଫୁସ୍ ଆଦି ଦାନ କରାଯାଏ । ଟିସୁ ଦାନରେ ରହିଛି ଆଖି, ଅସ୍ଥିମଜ୍ଜା ଏବଂ ତ୍ୱଚା । ଅଧିକାଂଶ ଅଙ୍ଗ ମନୁଷ୍ୟର ମୃତ୍ୟୁ ପରେ ଦାନ କରାଯାଏ । କିଛି ଅଙ୍ଗ ଏବଂ ଟିସୁ ମନୁଷ୍ୟର ଜୀବିତାବସ୍ଥାରେ ମଧ ଦାନ କରାଯାଇପାରେ । ଜୀବିତ ବ୍ୟକ୍ତିଙ୍କ ଦ୍ୱାରା ଦାନ କରାଯାଉଥିବା ସାଧାରଣ ଅଙ୍ଗ ହେଉଛି ବୃକକ୍ । କାରଣ ଦାନ ଦେଉଥିବା ବ୍ୟକ୍ତି ଗୋଟିଏ ବୃକକ୍ ସହ ସ୍ୱାଭାବିକ ଭାବରେ ବଞ୍ଚିପାରେ । ମୃତ ଶରୀରର ବୃକକ୍ ଅପେକ୍ଷା ଜୀବିତ ବ୍ୟକ୍ତିର ବୃକକ୍ ପ୍ରତ୍ୟାରୋପଣ ଅଧିକ ସଫଳ ଭାବରେ କାର୍ଯ୍ୟକରେ । ଭାରତରେ ହେଉଥିବା ଅଧିକାଂଶ ବୃକକ୍ ପ୍ରତ୍ୟାରୋପଣ ଜୀବିତ ଦାତାଙ୍କ ଠାରୁ ହିଁ ମିଳେ । ଫୁସ୍‌ଫୁସ୍ ଏବଂ ଯକୃତ ମଧ ଜୀବିତ ବ୍ୟକ୍ତି ଦାନ କରିପାରିବେ । ଆଖି ସମେତ ଅନ୍ୟ ସମସ୍ତ ଅଙ୍ଗ ମୃତ୍ୟୁ ପରେ ହିଁ ଦାନ କରାଯାଏ । ଘରେ ହେଉଥିବା ସାଧାରଣ ମୃତ୍ୟୁ ମାମଲାରେ କେବଳ ଆଖି ଦାନ କରାଯାଇପାରେ । କୌଣସି ବ୍ୟକ୍ତି ବ୍ରେନ୍ ଡେଡ୍ ଘୋଷିତ ହେଲେ ଏବଂ ତାଙ୍କୁ ଭେଣ୍ଟିଲେଟର ବା ଲାଇଫ୍ ସର୍ପୋଟ ସିଷ୍ଟମରେ ରଖାଯାଇଥିଲେ ତାଙ୍କର ଶରୀରରୁ ଅନ୍ୟ ଅଙ୍ଗ ଗ୍ରହଣ କରିହୁଏ । ସାଧାରଣ ମୃତ୍ୟୁରେ ବ୍ୟକ୍ତିର ସମସ୍ତ ଅଙ୍ଗ କାମ କରିବା ବନ୍ଦ କରିଦିଏ । ତାହାର ହୃଦ୍‌ସ୍ପନ୍ଦନ ବନ୍ଦ ହୋଇଯାଏ, ରକ୍ତ ସଞ୍ଚାଳନ ଅଟକିଯାଏ । ଏ ପରିସ୍ଥିତିରେ ଆଖିକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ଅଙ୍ଗ ଅନାବଶ୍ୟକ ହୋଇଯାଏ । ରକ୍ତ କୋଷ ନଥିବାରୁ ମୃତ୍ୟୁପରେ କିଛି ଘଣ୍ଟା ପର୍ଯ୍ୟନ୍ତ ଆଖି ଉପରେ କୌଣସି ଫରକ୍ ପଡ଼େ ନାହିଁ । ବ୍ରେନ୍ ଡେଥ୍ ଏପରି ମୃତ୍ୟୁ ଯେଉଁଥିରେ କୌଣସି କାରଣରୁ ମନୁଷ୍ୟର ମସ୍ତିଷ୍କ ଆଘାତପ୍ରାପ୍ତ ହୋଇଥାଏ । ଏହି ଆଘାତ ଦୁର୍ଘଟଣା, ବ୍ରେନ୍ ଟ୍ୟୁମର କିମ୍ବା ଷ୍ଟ୍ରୋକ୍ ଯୋଗୁଁ ହୋଇଥାଏ । ଏପରି ରୋଗୀଙ୍କ ମସ୍ତିଷ୍କର ମୃତ୍ୟୁ ଘଟିଥାଏ, ହେଲେ ସେମାନଙ୍କର ବାକି ଅଙ୍ଗ ଠିକ୍ ଭାବରେ କାମ କରୁଥାଏ । ଅନେକ ଲୋକ କୋମା ଏବଂ ବ୍ରେନ୍ ଡେଥ୍ ସମାନ ବୋଲି ଭାବନ୍ତି । କିନ୍ତୁ କୋମାରେ ଥିବା ରୋଗୀ ସ୍ୱାଭାବିକ ଅବସ୍ଥାକୁ ଫେରିପାରେ । କିନ୍ତୁ ବ୍ରେନ୍ ଡ଼େଥ୍‌ରେ ଜୀବନର କୌଣସି ସମ୍ଭାବନା ନଥାଏ । ବ୍ରେନ୍ ଡେଥ ବ୍ୟକ୍ତିର ଆଖିକୁ ଛାଡ଼ି ବାକି ସବୁ ଅଙ୍ଗ ପ୍ରତ୍ୟାରୋପଣ ପାଇଁ ଗ୍ରହଣ କରାଯାଇପାରେ । ଯେ କୌଣସି ବ୍ୟକ୍ତି ଅଙ୍ଗଦାନ କରିପାରିବେ । ବୟସ ସହ ଏହାର କୌଣସି ସମ୍ପର୍କ ନାହିଁ । ନବଜାତ ଶିଶୁ ଠାରୁ ଆରମ୍ଭ କରି ୯୦ ବର୍ଷ ବୟସ୍କ ବ୍ୟକ୍ତିଙ୍କ ଠାରୁ ଗ୍ରହଣ କରାଯାଇଥିବା ଅଙ୍ଗ ପ୍ରତ୍ୟାରୋପଣ ସଫଳ ହୁଏ । ଅଙ୍ଗଦାନ ପାଇଁ ଇଚ୍ଛୁକ ବ୍ୟକ୍ତିର ବୟସ ୧୮ବର୍ଷରୁ କମ୍ ହୋଇଥିଲେ ଏଥିପାଇଁ ଉଦ୍ଦିଷ୍ଟ ଫର୍ମ ପୂରଣ କରିବା ପୂର୍ବରୁ ମା-ବାପାଙ୍କ ଅନୁମତି ନେବା ଜରୁରୀ ।

ଯେଉଁ ବ୍ୟକ୍ତିଙ୍କର ବ୍ରେନ୍ ଡ଼େଥ୍ ହୋଇଯାଏ ଡାକ୍ତର ସେମାନଙ୍କୁ ଭେଣ୍ଟିଲେଟରରେ ରଖନ୍ତି । ଡାକ୍ତରମାନଙ୍କର ଏକ ପ୍ୟାନେଲ ଏହା ଘୋଷଣା କରନ୍ତି । ଏହାର ଆଉ କିଛି ସମୟ ପରେ ପୁଣି ଥରେ ବ୍ରେନ୍ ଡେଥ୍ ସମ୍ପର୍କରେ ଘୋଷଣା କରାଯାଏ । ଏହାପରେ ପରିବାରବର୍ଗଙ୍କ ସମ୍ମତିରେ ଏବଂ କାନୁନୀ ପ୍ରକ୍ରିୟା ପୂର୍ଣ୍ଣ କରିବା ପରେ ମୃତ ବ୍ୟକ୍ତିର ଶରୀରରୁ ଅଙ୍ଗ ବାହାର କରାଯାଏ । ଏଥିପାଇଁ ଶରୀରକୁ ଗୋଟିଏ ଲମ୍ବାରେ ଚିରାଯାଏ । ଅଙ୍ଗ ବାହାର କରିବା ସମୟରେ ଶରୀରକୁ ସମ୍ପୂର୍ଣ୍ଣ ସମ୍ମାନର ସହ ରଖାଯାଏ । ଅଙ୍ଗ ଗ୍ରହଣ କରାଯାଇ ସାରିବା ପରେ ଏହାକୁ ସଫା କରି ପରିଜନଙ୍କୁ ଅର୍ପଣ କରାଯାଏ । ଏହି ପ୍ରକ୍ରିୟାରେ ପ୍ରାୟ ୬-୭ଘଣ୍ଟା ଲାଗିଯାଏ । ଅର୍ଗାନ୍ ଡୋନେସନ୍ ଆକ୍ଟ, ୧୯୯୪ର ନିୟମ ଅନୁଯାୟୀ ଯେଉଁ ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ଅଛି କେବଳ ସେହିଠାରେ ଅଙ୍ଗଦାନ କରିହେବ । ଏହା ଏକ କଷ୍ଟକର ନିୟମ । ଏହାଦ୍ୱାରା ଦୂରଦୂରାନ୍ତରେ ଥିବା ଲୋକମାନେ ଅଙ୍ଗଦାନ କରି ମହତ୍ କାର୍ଯ୍ୟରୁ ବଞ୍ଚିତ ହୁଅନ୍ତି । ଏହି ସମସ୍ୟାକୁ ଦେଖି ସରକାର ୨୦୧୧ ମସିହାରେ ଏ ନିୟମରେ କିଛି ପରିବର୍ତ୍ତନ କରିଛନ୍ତି । ନୂଆ ନିୟମ ଅନୁଯାୟୀ କୌଣସି ଡାକ୍ତରଖାନାରେ ପ୍ରତ୍ୟାରୋପଣ ସୁବିଧା ନଥିଲେ ବି ସେଠାରେ ଆଇସିୟୁ ଥିଲେ ଅଙ୍ଗଦାନ କରିହେବ । ଏହା ଲାଗୁ ହେବା ପରେ ଅଙ୍ଗଦାନ ଆଉ ଦ୍ରୁତ ଓ ସୁବିଧାଜନକ ହେବ । ବର୍ତ୍ତମାନ ଅଙ୍ଗଦାନ ସହ ଜଡ଼ିତ ଆଇନ କଷ୍ଟକର ଥିବାରୁ ବର୍ଷରେ ମାତ୍ର ୫୦-୬୦ଜଣ ବ୍ୟକ୍ତି ହିଁ ଅଙ୍ଗଦାନ କରିପାରୁଛନ୍ତି । ଡାକ୍ତର ଏସବୁ ଅଙ୍ଗକୁ ଶୀଘ୍ର ଏପରି ରୋଗୀଙ୍କ ଠାରେ ପ୍ରତ୍ୟାରୋପଣ କରିଦିଅନ୍ତି ଯାହାଙ୍କୁ ଏହାର ଆବଶ୍ୟକତା ଥାଏ । ଡାକ୍ତରଖାନା ପାଖରେ ଅର୍ଗାନ୍ ଡୋନେସନ୍‌ର ଏକ ୱେଟିଙ୍ଗ ଲିଷ୍ଟ ଥାଏ । ଅଙ୍ଗ ପ୍ରତ୍ୟାରୋପଣ ପାଇଁ ବ୍ଲଡ଼ ଗ୍ରୁପ୍ ମେଳକ ଓ ଅନ୍ୟ କେତେକ ଟେଷ୍ଟ କରାଯାଏ । ଯକୃତ କଢ଼ାଯିବାର ୬ଘଣ୍ଟା ମଧରେ ପ୍ରତ୍ୟାରୋପିତ ହେବା ଆବଶ୍ୟକ । ବୃକକ୍ ୧୨ ଘଣ୍ଟା ମଧରେ ଓ ଆଖି ୩ ଦିନ ମଧରେ ଲଗାଇ ଦିଆଯିବା ଆବଶ୍ୟକ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

। ଦାତାଙ୍କ ଶରୀରରୁ କଢ଼ାଯାଇଥିବା ଅଙ୍ଗ ଯେତେ ଶୀଘ୍ର ପ୍ରତ୍ୟାରୋପଣ କରାଯାଏ ତାର କାମ କରିବା କ୍ଷମତା ଓ ସମ୍ଭାବନା ସେତେ ଅଧିକ ହୋଇଯାଏ । ନିଜ ମୃତ୍ୟୁ ପରେ ଚକ୍ଷୁଦାନ କରିବା ସମ୍ପର୍କରେ ନିଷ୍ପତ୍ତି ଯେ କୌଣସି ବ୍ୟକ୍ତି ନେଇପାରିବେ, ଏହାର କୌଣସି ସର୍ବୋଚ୍ଚ ବୟସ ସୀମା ନାହିଁ । ଜୀବିତ ବ୍ୟକ୍ତି ଆଖିଦାନ କରିପାରିବେ ନାହିଁ । ଆଖିରେ ସମସ୍ୟା ଥିଲେ, ମଧୁମେହ ରୋଗୀ ହୋଇଥିଲେ ବି ଜଣେ ଚକ୍ଷୁଦାନ କରିପାରିବ । ଏପରିକି ଅପ୍ଟିକାଲ ନର୍ଭ ସମସ୍ୟା ଯୋଗୁଁ ଦୃଷ୍ଟିହୀନ ହୋଇଥିବା ବ୍ୟକ୍ତିଙ୍କର ସୁସ୍ଥ କନିନିକା (କର୍ଣ୍ଣିଆ) ମଧ ଦାନ କରାଯାଇପାରିବ । କର୍ଣ୍ଣିଆରେ ରକ୍ତକୋଷ ନଥିବାରୁ ଏହା ଯେକୌଣସି ବ୍ୟକ୍ତିଠାରେ ପ୍ରତ୍ୟାରୋପିତ ହୋଇପାରିବ । ଏଥିପାଇଁ ମେଳକ ଆବଶ୍ୟକ ହୁଏ ନାହିଁ । ଯଦି କୌଣସି ମୃତ ବ୍ୟକ୍ତିର ଆଖି ଦାନ କରିବାକୁ ହୁଏ କିମ୍ବା ଜୀବିତ ବ୍ୟକ୍ତି ଚକ୍ଷୁଦାନ କରିବାକୁ ଚାହାନ୍ତି ତେବେ ଏଥିପାଇଁ ଫର୍ମ ପୂରଣ କରିବାକୁ ଚକ୍ଷୁବ୍ୟାଙ୍କ ସହ ଯୋଗାଯୋଗ କରିବାକୁ ହେବ । ଆପଣ ଯେଉଁ ଅଙ୍ଗଦାନ କରିବାକୁ ଚାହୁଁଛନ୍ତି ସେଥିପାଇଁ ଉଦ୍ଦିଷ୍ଟ ଫର୍ମରେ ଉଲ୍ଲେଖ କରିପାରିବେ । ଏହାପରେ ଆପଣଙ୍କୁ ଏକ ଡୋନ୍‌ର କାର୍ଡ଼ ମିଳିବ । ଯଦି ଆପଣ ଏ ସମ୍ପର୍କରେ ନିଜ ପରିଜନଙ୍କୁ ନଜଣାନ୍ତି, ତେବେ ଏହାର କୌଣସି ମୂଲ୍ୟ ରହିବ ନାହିଁ । କାରଣ ଆପଣଙ୍କ ମୃତ୍ୟୁ ପରେ ସେମାନେ ହିଁ ଔପଚାରିକ ଭାବେ ଏହାକୁ ଦାନ କରିବେ । ପରିଜନ ଚାହିଁଲେ ଆପଣ ଫର୍ମ ପୂରଣ କରିନଥିଲେ ବି ଅଙ୍ଗଦାନ କରିପାରିବେ । ଆଖି ବ୍ୟତୀତ ଅନ୍ୟ କୌଣସି ଅଙ୍ଗ ଦାନ କରିବା ପାଇଁ କାହାକୁ ଯୋଗାଯୋଗ କରିବାକୁ ହୁଏନି । କାରଣ କେବଳ ବ୍ରେନ୍ ଡେଥ୍ ଘୋଷିତ ହେବା ପରେ ଡାକ୍ତରମାନେ ଲାଇଫ୍ ସର୍ପୋଟ ସିଷ୍ଟମରେ ରଖିଲେ ହିଁ ଅନ୍ୟ ଅଙ୍ଗ ଦାନ ହୋଇପାରିବ । ଅଙ୍ଗଦାନ କରିବା ପାଇଁ ପରିଜନଙ୍କୁ କୌଣସି ଖର୍ଚ୍ଚ କରିବାକୁ ହୁଏ ନାହିଁ । ଜୀବିତ ବ୍ୟକ୍ତି ଅଙ୍ଗଦାନ କରିବା ପ୍ରକ୍ରିୟାରେ ଆଇନଗତ ପ୍ରତିବନ୍ଧକ ଅଛି । ପରିସ୍ଥିତିର ସମ୍ପୂର୍ଣ୍ଣ ଆକଳନ ପରେ ହିଁ ଏପରି କରିବା ସମ୍ଭବ । ଆମ ଦେଶରେ 'ଦି ଟ୍ରାନ୍ସପ୍ଲାଣ୍ଟ ଅଫ୍ ହ୍ୟୁମାନ ଅର୍ଗାନ୍ ଆକ୍ଟ-୧୯୯୪' ଅନୁଯାୟୀ ସମ୍ପୂର୍ଣ୍ଣ ପ୍ରତ୍ୟାରୋପଣ କାର୍ଯ୍ୟକ୍ରମ ହୁଏ । କୌଣସି ବ୍ୟକ୍ତି ଅଙ୍ଗ କିଣାବିକା କରିପାରିବେ ନାହିଁ । ଯେଉଁ ବ୍ୟକ୍ତିଠାରେ ପ୍ରତ୍ୟାରୋପଣ ହେବ କେବଳ ତାର ପରିବାର, ପରିଜନ ଓ ନିକଟତମ ସମ୍ପର୍କୀୟମାନେ ହିଁ ଅଙ୍ଗଦାନ କରିପାରିବେ । ଏହାର ସମ୍ପୂର୍ଣ୍ଣ ଯାଞ୍ଚ ହୁଏ । ଏମାନଙ୍କ ମଧରେ ମାତା-ପିତା, ପତି-ପତ୍ନୀ, ସନ୍ତାନ-ସନ୍ତିତ, ଭାଇ-ଭଉଣୀ ଆଦି ସାମିଲ । ଏମାନଙ୍କୁ ପ୍ରଲୋଭନ ଦେଇ ପ୍ରତ୍ୟାରୋପଣ ପାଇଁ ଅଙ୍ଗଦାନ କରାଇବା ମଧ ବେଆଇନ ।

ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭




# ଜିନ୍ଦଲ କମ୍ପାନୀ ଫାଟକ ଆଗରେ ବିସ୍ଥାପିତ ପରିବାର ର ପଞ୍ଚ ଶିକ୍ଷିତ ଯୁବକଙ୍କ ଧାରଣା



କେନ୍ଦୁଝର : ଜିନ୍ଦଲ କମ୍ପାନୀର ଅ ପରିପକ୍ୱ ନିଯୁକ୍ତି ନିତୀ ରେ ପଞ୍ଚ ଜଣ ଶିକ୍ଷିତ ଯୁବକ ପ୍ରତାରଣା ର ଶିକାର ହୋଇ ଥିବା ଜଣା ପଡିଛି ।ଏଭଳି ଅଭାବନୀୟ ଘଟଣା ଘଟିଛି ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ଦେଓଝର ଗ୍ରାମ ପଂଚାୟତ ରେ କାର୍ଯ୍ୟ କରୁଥିବା ଜିନ୍ଦଲ କମ୍ପାନୀ ରେ । ଜିନ୍ଦଲ କମ୍ପାନୀ ନିଜ କାରଖାନା ପାଇଁ ଜମି ଅଧିଗ୍ରହଣ କରିବା ସମୟରେ ଲୋକ ମାନଙ୍କୁ ମିଠା ମିଠା ପ୍ରତିଶୃତି ଦେଇ ସେହି ଗ୍ରାମ ଗୁଡିକ ର ବେକାର ଯୁବକଯୁବତୀ ମାନଙ୍କୁ କମ୍ପାନୀ ରେ ଚାକିରୀ ଦେବାକୁ ପ୍ରତିଶୃତି ଦେଇ ଜମି ଅଧିଗ୍ରହଣ କରିଥଲା କିନ୍ତୁ ସେହି କମ୍ପାନୀ ଏବେ ଧରା ଛୁଆଁ ଦେଉନାହିଁ। ଯେଉଁ ମୁଖ୍ୟ କାରଣ ପାଇଁ କମ୍ପାନୀ ଫାଟକ ବାହାରେ ଗତ ରବିବାର ଠାରୁ ଧାରଣା ରେ ବସିଛନ୍ତି କିତାବେଡା ଗ୍ରାମ ର ୫ ଶିକ୍ଷିତ ଯୁବକ। ସୂଚନାଯୋଗ୍ୟ କି ୨୦୦୬ ମସିହାରେ ଚମ୍ପୁଆ ଉପଖଣ୍ଡ ଅନ୍ତର୍ଗତ ଦେଓଝର ପଞ୍ଚାୟତ ର କିତାବେଡା, ସିଆଲଯୋଡା ଓ ଦେଓଝର ଗ୍ରାମ ର ଚାଷ ଜମି କୁ କାରଖାନା କରିବାକୁ ଅଧିଗ୍ରହଣ କରିଥିଲା ଜେଏସପିଏଲ କମ୍ପାନୀ ।ଜମି ଅଧିଗ୍ରହଣ ବେଳେ ମନ ଖୁସି ହେଲା ଭଳି ମିଠା ମିଠା ପ୍ରତିଶୃତି ଦେଇ କାରଖାନା କରିସାରିଥିବା ବେଳେ ଏବେ ପ୍ରତିଶୃତି ରୁ ସମ୍ପୁର୍ଣ୍ଣ ଓହରି ଯାଇଛି ଏହି କମ୍ପାନୀ। ବିସ୍ଥାପିତ ଙ୍କୁ ରୋଜଗାର ଦେବାର ନାଁ ଧରୁ ନଥିବା ବେଳେ କମ୍ପାନୀ ର ମନାମାନୀ ଏବଂ ପ୍ରତାରଣା ର ଶିକାର ହୋଇଛନ୍ତି ଏହି ତିନି ଗ୍ରାମ ର ଯୁବକମାନେ। କମ୍ପାନୀ ର ଏହି ପ୍ରତାରଣା ପ୍ରତିବାଦରେ କିତାବେଡା ଗ୍ରାମ ର ତନୁଜ ଆପଟ, ଦେବର୍ଷି ପଲେଇ, ଅନୀଲ ବେହେରା, ସୁଧାଂଶୁ ବେହେରା, ତପନ ଆପଟ ନାମକ ଯୁବକ ମାନେ କମ୍ପାନୀ ଫାଟକ ବାହାରେ ଧାରଣା ଦେଉ ଥିବା ଜଣାପଡିଛି। ଜମି ଅଧିଗ୍ରହଣ ପରେ ବିସ୍ଥାପିତ ଙ୍କ ଥଇଥାନ ଏବଂ କାରଖାନା ରେ ସ୍ଥାୟୀ ନିଯୁକ୍ତି ନିତୀ ଅନୁସାରେ କମ୍ପାନୀ ଏମାନଙ୍କୁ ଚାକିରି ଦେବାର ଭରସା ଦେଇ କମ୍ପାନୀ ରେ ଦୁଇ ବର୍ଷର ବୈଷୟିକ ତାଲିମ ଦେବା ପରେ ଏବେ ଚାକିରି ଦେବା ର ନାଁ ଧରୁ ନଥିବା ଅଭିଯୋଗ କରି ଏହି ୫ ଜଣ ଯୁବକ ।ଏମାନଙ୍କ ଅଭିଯୋଗ କମ୍ପାନୀ ର କୌଣସି ଅଧିକାରୀ ଶୁଣୁନଥିବାରୁ କମ୍ପାନୀ ଫାଟକ ବାହାରେ ଶୀତ କାକରରେ ଧାରଣାରେ ବସିଥିବା ଦେଖିବାକୁ ମିଳିଛି ।ତେବେ ଜିନ୍ଦଲ କମ୍ପାନୀ ତାଙ୍କ ହକ୍ ନ ଦେବା ଯାଏଁ ଏହିଠାରେ ଯୁବକ ମାନେ ଶାନ୍ତିପୂର୍ଣ୍ଣ ଧାରଣା ଦେବା ନିଷ୍ପତି ନେଇଥିବା ବେଳେ ଦେଖିବାକୁ ବାକି ରହିଛି ଯାହାର ଭିଟାମାଟି ଉପରେ କମ୍ପାନୀ ତାର ପ୍ରଭାବ ବିସ୍ତାର କଲା ତାରି ପିଲାଙ୍କୁ କି ପ୍ରକାରର ନ୍ୟାୟ କେବେ କିଭଳି ଦେଉଛି ।

## ଧର୍ମଶାଳା ମୋ କଲେଜ ଅଭିଯାନ ବୈଠକ



ଧର୍ମଶାଳା (ପିଏନ୍): ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟ ପରିସରରେ ମୋ କଲେଜ ଅଭିଯାନ ବୈଠକ ଅନୁଷ୍ଠିତ ହୋଇଯାଇଛି । କଲେଜର ଅଧ୍ୟକ୍ଷ ତପନ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, କଲେଜ ପରିଚାଳନା କମିଟି ସଭାପତି ଡ. ପ୍ରିୟନାଥ ମହାପାତ୍ର ଯୋଗଦେଇଥିଲେ । ଧର୍ମଶାଳା ମହାବିଦ୍ୟାଳୟ ଧର୍ମଶାଳା ବ୍ଲକର ସର୍ବପୁରାତନ ମହାବିଦ୍ୟାଳୟ, ଏହି ମହାବିଦ୍ୟାଳୟର ଅନେକ ଉନ୍ନତି ମୁଳକ କାର୍ଯ୍ୟ ହୋଇଥିଲେ ହେଁ ଆଉ ଅନେକ କାର୍ଯ୍ୟ ହେବାର ଅବଶ୍ୟକତା ରହିଛି । କଲେଜଗୁଡିକର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୋ କଲେଜ ଅଭିଯାନର ଶୁଭାରମ୍ଭ କରିଛନ୍ତି । ଏହି କଲେଜର ବହୁ ଛାତ୍ରଛାତ୍ରୀମାନେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇଛନ୍ତି । ସେମାନଙ୍କୁ ମୋ କଲେଜ ଅଭିଯାନରେ ସାମିଲ କରିବାକୁ ପ୍ରସ୍ତାବ ଦେଇଥିଲେ । ଏଥିସହିତ ପୁରାତନ ଛାତ୍ର ସଂସଦର ସଭାପତିମାନଙ୍କୁ ଯୋଗାଯୋଗ କରି ଏହି ଅଭିଯାନରେ ସମସ୍ତଙ୍କୁ ସାମିଲ କରିବାକୁ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ପ୍ରଥମ ବ୍ୟାଚର ଛାତ୍ର ବଟକୃଷ୍ଣ ପରିଡା, ପୁରାତନ ଛାତ୍ର ସଂସଦ ସଭାପତି କ୍ଷିତିଶ ନାୟକ, ଜିଲ୍ଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା, ଛାତ୍ର ବିଜେଡି ଜିଲ୍ଲା ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ସମିତି ସଭ୍ୟା କ୍ଷୀରାବ୍ଧି ତନୟା ମଲିକ ପ୍ରମୁଖ ମୋ କଲେଜ ଅଭିଯାନର ସଫଳତା ପାଇଁ ଆଶାବ୍ୟକ୍ତ କରିଥିଲେ । ଆସନ୍ତା ଅକ୍ଟୋବର ମାସ ୨୩ ତାରିଖରେ ପରବର୍ତୀ ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା । ପ୍ରାରମ୍ଭରେ ମୋ କଲେଜ ଅଭିଯାନର ସଂଯୋଜକ ନିଗମାନନ୍ଦ ବିଶ୍ୱାଳ ସୂଚନା ପ୍ରଦାନ କରିଥିଲେ । ଅଧ୍ୟାପକ ବିଶ୍ୱଜିତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## ବାଲେଶ୍ୱରରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ




ବାଲେଶ୍ୱର (ପିଏନ୍)-ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଜିଲ୍ଲାସ୍ତରୀୟ "ଶିଶୁ ପାଇଁ ଦିନଟିଏ" କାର୍ଯ୍ୟକ୍ରମ ଏନ୍ ଆଇ ସି ପରିସରରେ ଥିବା ମହାତ୍ମା ଗାନ୍ଧୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଓ ସାହେବ ଶିନ୍ଦେ ଓ ଅତିରିକ୍ତ ଜିଲ୍ଲାପାଳ ଭାବେଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀଯୁକ୍ତ ମାଝୀ ସଭାପତିତ୍ୱ କରିଥିବା ବେଳେ ଜିଲ୍ଲାସୁରକ୍ଷା ୟୁନିଟ ଏବଂ ଜିଲ୍ଲା ସୁରକ୍ଷା ମଙ୍ଗଳ କମିଟି ସଦସ୍ୟ, ସଦସ୍ୟାମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୯ ଜଣ କୃତି ଛାତ୍ରଛାତୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ବୃ ି ପ୍ରଦାନ କରାଯାଇଥିଲା। ସେହିପରି "ସୁକନ୍ୟା ସମୃଦ୍ଧି" ଯୋଜନାରେ ୧୪ ଜଣ ଛାତ୍ରୀଙ୍କ ଆକାଉଣ୍ଟ ଖୋଲାଯାଇ ପାଶ ବୁକ୍ ପ୍ରଦାନ କରାଯାଇଥିଲା। ୧୮ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଆକାଉଣ୍ଟକୁ ୨ ହଜାର ଟଙ୍କା ଜମା କରାଯିବ ବୋଲି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀ ମାଝୀ ବକ୍ତବ୍ୟରେ କହିଥିଲେ।

## ଅବକାରୀ ବିଭାଗ ପକ୍ଷରୁ ଚଢାଉ, ଦେଶୀ ମଦ ଜବତ

ଖୋର୍ଦ୍ଧା (ପିଏନ୍)-ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ବେଗୁନିଆ ଥାନା ଅନ୍ତର୍ଗତ ରାସୋଳ ଗ୍ରାମରେ ଦେଶୀ ରନ୍ଧା ମଦ ଭାଟି ଉପରେ ଚଢାଉ କରାଯାଇଥିଲା। ଏହି ଚଢାଉ ବେଳେ ୧ହଜାର ୨୦ ଲିଟର ଦେଶୀ ମଦ ଜବତ କରାଯିବା ସହ ଆବଶ୍ୟକୀୟ ସରଂଜାମ ସହ ଗୋଟିଏ ମାରୁତି କାର ଜବତ କରାଯାଇଥିଲା। ଏଥିରେ ମଦ ପ୍ରସ୍ତୁତ କରୁଥିବା ରାସୋଳ ଗ୍ରାମର ରଜନୀକାନ୍ତ ପାଇକରାୟ କୌଣସି ସୂତ୍ରରୁ ଖବର ପାଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ ବୋଲି ଜିଲ୍ଲା ଅବକାରୀ ବିଭାଗର ନିରୀକ୍ଷକ ଭୈରବ ସାହୁଙ୍କ ଠାରୁ ପ୍ରକାଶ। ଏ ନେଇ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ରାଜଶେଖର ସ୍ୱାଇଁ, ଭ୍ରାମ୍ୟମାଣ ଉପ-ନିରୀକ୍ଷକ ବି ମନୋଜ କୁମାର, ବେଗୁନିଆ ଓଆଇସି ରାଜେନ୍ଦ୍ର ଜେସ ଓ ଖୋର୍ଦ୍ଧା, ବେଗୁନିଆର ଭ୍ରାମ୍ୟମାଣ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

## ନିଖୋଜ ନାବାଳକର ଝୁଲନ୍ତା ମୃତ ଦେହ ଠାବ, ହତ୍ୟା ନା ଆତ୍ମହତ୍ୟା ଅସ୍ପଷ୍ଟ

ଭବାନୀପାଟଣା,(ପି.ଏନ): କଳାହାଣ୍ଡି ଜିଲ୍ଲା କଲମପୁର ଥାନା ଅନ୍ତର୍ଗତ ବାଣ୍ଡିଗାଁ ଗ୍ରାମପଞ୍ଚାୟତ ଆମଜୋର ଗାଁରେ ଏକ ହୃଦୟବିଦାରକ ଘଟଣା ଦେଖିବାକୁ ମିଳିଛି। ଦଶମ ଶ୍ରେଣୀ ପଢୁଥିବା ଜନୈକ ନାବାଳକ ଙ୍କ ମୃତ ଦେହ ଗୋଟିଏ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ସୂଚ଼ନା ଅନୁଯାୟୀ ଗାଁ ର ଅର୍ଜୁନ ରାଉତ ଙ୍କ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ପୁଅ ପଦ୍ମଲୋଚ଼ନ ରାଉତ(୧୬) ବୁଧବାର ଅପରାହ୍ନରୁ ଅପରାହ୍ନ ନିଖୋଜ ଥିଲେ। ପରିବାରଲୋକେ ବହୁତ ଖୋଜା ଖୋଜି କରି ପାଇ ନଥିଲେ । ଏ ସମ୍ପର୍କରେ ଗୁରୁବାର ଅର୍ଜୁନ ତାଙ୍କ ପୁଅ ନିଖୋଜ ଥିବା ନେଇ କଲମପୁର ଥାନାରେ ଲିଖିତ



ଭାବେ ଅଭିଯୋଗ କରିଥିଲେ । କିନ୍ତୁ ଅପରାହ୍ନ ୩ ଟା ସମୟରେ ଆମଯୋର ଡ଼ଙ୍ଗରିଗୁଡ଼ା ବୁଢ଼ାରଜା ଜଙ୍ଗଲର ଏକ ଗଛରେ ମୃତ ଦେହ ଝୁଲୁଥିବା ନେଇ ଜଣାପଡିଥିଲା। ଖବର ପାଇ ଘର ଲୋକେ ମୃତ ଦେହ ପାଖରେ ପହଂଚ଼ି ଚ଼ିହ୍ନଟ କରିଥିଲେ। କଲମପୁର ଥାନା ଅଧିକାରୀ ପୁଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ । ପପରିବାର ଲୋକେ ହତ୍ୟା କରାଯାଇଥିବା ଅଭିଯୋଗ କରିବାରୁ ଆସନ୍ତା କାଲି ସାଇଫିଣ୍ଟିକ ଟିମ ଆସିବା ପରେ ମୃତ ଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ନୀଳାମ୍ବର ଯାନୀ ସୂଚ଼ନା ଦେଇଛନ୍ତି । ଘଟଣା ସ୍ଥଳରେ ପୁଲିସ ଏବଂ ସମ୍ପର୍କୀୟ ମାନେ ଜଗି ରହିଛନ୍ତି । ଏହା ଆତ୍ମହତ୍ୟା ନା ସୁପରିକଳ୍ପିତ ହତ୍ୟାତାହା ସ୍ପଷ୍ଟ ହୋଇନାହିଁ ।

## ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ପାଳିତ

ଭୁବନେଶ୍ୱର ,(ପି.ଏନ): ବିଶିଷ୍ଟ ସମାଜବାଦୀ ନେତା ତଥା ଲୋକସଭାର ପୂର୍ବତନ ବାଚ଼ସ୍ପତି ରବି ରାୟଙ୍କ ଅଷ୍ଟମ ଶ୍ରାଦ୍ଧ ବାର୍ଷିକୀ ଭୁବନେଶ୍ୱରସ୍ଥିତ ଲୋହିଆ ଏକାଡ଼?ମୀରେ ଆୟୋଜିତ ହୋଇଯାଇଛି। ଲୋହିଆ ଏକାଡ଼?ମୀ ଦ୍ୱାରା ଆୟୋଜିତ ଶ୍ରାଦ୍ଧ ସଭାରେ ପ୍ରଫେସର ବିରେନ୍ଦ୍ର ନାୟକ ମୁଖ୍ୟ ଆଲୋଚ଼କ ଭାବେ ଯୋଗ ଦେଇଥିଲେ। ସମଦୃଷ୍ଟି ସମ୍ପାଦକ ସୁଧିର ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ଆଲୋଚ଼ନାର ବିଷୟ ଥିଲା 'ଭାରତରେ ସମାଜବାଦର ଭବିଷ୍ୟତ'। ଗ୍ରୀନ ନୋବେଲ ବିଜେତା ପ୍ରଫୁଲ୍ଲ ସାମନ୍ତରା ଉପସ୍ଥିତ ସ୍ୱାଗତ ବକ୍ତବ୍ୟ ରଖିଥିଲେ। ସଂଯୋଜକ ଶ୍ରୀ ସୁଧିର ପଟ୍ଟନାୟକ ପ୍ରଖର ସମାଜବାଦୀ ଚ଼ିନ୍ତକ ରବି ରାୟଙ୍କ ବିଷୟରେ ସମ୍ୟକ ସୂଚ଼ନା ଦେବା ସହ ସମାଜବାଦ ବିଷୟକ ଆଲୋଚ଼ନା ଯେଉଁ ସମୟରେ କରାଯାଉଛି ସେହି ସମୟର ରାଜନୈତିକ ଓ ସାମାଜିକ ପରିସ୍ଥିତି ଉପରେ ସମ୍ୟକ ସୂଚ଼ନା ପ୍ରଦାନ କରିଥିଲେ।

ପ୍ରଫେସର ବିରେନ୍ଦ୍ର ନାୟକ ଭାରତରେ ସମାଜବାଦର ଇତିହାସ ଆଲୋଚ଼ନା କରିବା ବେଳେ ସେ ସମୟରେ ଘଟିଥିବା ଘଟଣାମାନଙ୍କ ପ୍ରଭାବୀ ଦିଗଗୁଡିକୁ ସୂକ୍ଷ୍ମତାର ସହ ବାଖ୍ୟା କରିଥିଲେ। ମହାତ୍ମା ଗାନ୍ଧୀଙ୍କ ସମାଜବାଦ ପ୍ରତି ଦୃଷ୍ଟିକୋଣ ଉପରେ ଆଲୋଚ଼ନା କରି ନିଜର ଆଲୋଚ଼ନାରେ ନେହେରୁଙ୍କ ବିଚ଼ାର, ଲୋହିଆଙ୍କ ବିଚ଼ାର ଆଲୋଚ଼ନା ସହ ଭାରତରେ ପରିବର୍ତ୍ତିତ ରାଜନୀତିରେ ସମାଜବାଦର ରୂପ ଓ ସମ୍ବିଧାନରେ ତାହାର ପ୍ରତିଫଳନ ଉପରେ ସୂଚ଼ନା ପ୍ରଦାନ କରିଥିଲେ। ସ୍ୱାଧୀନତା ପରବର୍ତ୍ତୀ ଭାରତର ଶାସନ ବ୍ୟବସ୍ଥା ଠାରୁ ଆରମ୍ଭ କରି ଆଜିର ଶାସନ କଳ ମଧ୍ୟ ଜାତି, ଧର୍ମ ଆଧାରରେ ଭାରତର ସମ୍ବିଧାନର ଆତ୍ମା ସମାଜବାଦକୁ କବର ଦେବାରେ ଲାଗିଛନ୍ତି। ତେଣୁ ସମାଜବାଦ ବିନା ଭାରତର ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ଭବିଷ୍ୟତ ଅନ୍ଧାର ଆଡ଼କୁ ଚ଼ାଲିଯିବ। ସମାଜବାଦ ଉପରେ ପ୍ରଫେସର ନାୟକଙ୍କ ଆଲୋଚ଼ନା ବେଶ ଚ଼ିନ୍ତା ଉଦ୍ଦିପକ ଥିଲା। ପ୍ରଫେସର ନାୟକଙ୍କ ବକ୍ତବ୍ୟ ପରେ ପ୍ରଫେସର ନୀଳମଣି ସାହୁ, ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟନାୟକ, ରାଧାକାନ୍ତ ସେଠୀ, ମହେନ୍ଦ୍ର ପରିଡା, ରବି ବେହେରା, ଏନ. ନାରାୟଣ ରେଡ୍ଡୀ, ଡ଼. ସୁମିତ୍ରା ପଟେଲ, ବିଘ୍ନେସ୍ୱର ସାହୁ, ସ୍ୱୟଂପ୍ରଭା ପାଢ଼ୀ, ଗୋ?ରାଙ୍ଗ ମହାପାତ୍ର, ବିପିନ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ବହୁ ସାମାଜିକ କର୍ମୀ, ଲୋହିଆବାଦୀ, ରାଜନୈତିକ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଲୋହିଆ ଏକଡେମୀର ସମ୍ପାଦକ ଦେବପ୍ରସାଦ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପ୍ରାରମ୍ଭରେ ସ୍ୱର୍ଗତଃ ରବି ରାୟଙ୍କ ଫଟୋଚ଼ିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

## ନୋଏଡ଼ା ଜଗନ୍ନାଥ ମନ୍ଦିରର ପ୍ରାଣ ପ୍ରତିଷ୍ଠା ମହୋତ୍ସବ ଅନୁଷ୍ଠିତ

ନୋଏଡ଼ା/ ନୂଆଦିଲ୍ଲୀ ତା ୦୩.୦୨.୨୫ ରିଖ: ନୋଏଡ଼ାସ୍ଥିତ ଜଗନ୍ନାଥ ମନ୍ଦିରଠାରେ ପାଞ୍ଚଦିନିଆ ପ୍ରାଣ ପ୍ରତିଷ୍ଠା ମହୋତ୍ସବ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଗତ ଜାନୁୟାରୀ ୨୯ ତାରିଖଠାରୁ ଆରମ୍ଭ ହୋଇ ଫେବୃୟାରୀ ୨ ତାରିଖ ପର୍ଯ୍ୟନ୍ତ ଚ଼ାଲିଥିବା ଏହି ଭବ୍ୟ ଉତ୍ସବ ଉପଲକ୍ଷେ ୧୨୧ ନମ୍ବର ସେକ୍ଟରସ୍ଥିତ ନବ ନିର୍ମିତ ଜଗନ୍ନାଥ ମନ୍ଦିରଟିକୁ ଖୁବ ସରସ ଓ ସୁନ୍ଦର ଭାବରେ ରଙ୍ଗବେରଙ୍ଗର ଫୁଲ, କପଡ଼ା ଏବଂ ଆଲୋକମାଳା ସହିତ ସଜା ଯାଇଥିବା ଦେଖାଯାଇଥିଲା । ପ୍ରାଣ ପ୍ରତିଷ୍ଠା ପାର୍ବଣକୁ କେନ୍ଦ୍ର କରି ଏଠାରେ ପାଞ୍ଚଦିନ ଯାକ ସଙ୍ଗଠକ, ଶ୍ରଦ୍ଧାଳୁ ଏବଂ ଦର୍ଶକମାନଙ୍କ ମଧ୍ୟରେ ପ୍ରବଳ ଆନନ୍ଦ, ଅପୂର୍ବ ଉତ୍ସାହ, ଅସୀମ ଉତ୍କଣ୍ଠା ଏବଂ ଅଦମ୍ୟ ଉଦ୍ଦୀପନା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଥିଲା । ଲକ୍ଷାଧିକ ଭକ୍ତଙ୍କର ସମାଗମରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଏବଂ ଠାକୁର ଶ୍ରୀସୁଦର୍ଶନଙ୍କର ବିଗ୍ରହମାନଙ୍କରେ ପ୍ରାଣ ସଂସ୍ଥାପନା କରାଯାଇଥିଲା। ମନ୍ଦିର ପରିଚ଼ାଳନା କମିଟି ଶ୍ରୀଜଗନ୍ନାଥ ସମିତିର ସଭପତି ବିଶ୍ୱନାଥ ତ୍ରିପାଠୀ, ସାଧାରଣ ସମ୍ପାଦକ ଡଃ ମନୋରଞ୍ଜନ ମହାନ୍ତି, ଉପ-ସଭାପତି ପ୍ରମୋଦ ଭଲ ଏବଂ ଯୁଗ୍ମ ସମ୍ପାଦକ ଧନେଶ୍ୱର ନାୟକ ପ୍ରମୁଖଙ୍କର ନେତୃତ୍ୱରେ କମିଟିର କର୍ମକର୍ତ୍ତା, ସଦସ୍ୟ ଓ ସ୍ୱେଚ୍ଛାସେବୀମାନେ ସମଗ୍ର ମହୋତ୍ସବକୁ ଅଭୁତପୂର୍ବ ଭାବେ ସଫଳ କରାଇବାରେ ସକ୍ଷମ ହୋଇଥିଲେ ।

ବସନ୍ତ ପଞ୍ଚମୀର ଶୁଭ ତିଥିରେ ଫେବୃୟାରୀ ୨ ତାରିଖ ଦିନ ବହୁ ଆକାଂକ୍ଷିତ ପ୍ରାଣ ପ୍ରତିଷ୍ଠା ମହୋତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପୁରୀର ଗଜପତି ମହାରାଜା ଶ୍ରୀ ଦିବ୍ୟସିଂହ ଦେବ କର୍ତ୍ତାର ଦାୟିତ୍ୱ ନିର୍ବାହ କରି ପ୍ରାଣ ପ୍ରତିଷ୍ଠା ବିଧି ସମ୍ପନ୍ନ କରିଥିଲେ। ଆଦ୍ୟ ସେବକ ଭାବରେ ଗଜପତି ବିଗ୍ରହମାନଙ୍କର ପ୍ରାଣ ପ୍ରତିଷ୍ଠା ହେବା ପରେ ସର୍ବପ୍ରଥମେ ପୂଜା ଅର୍ଘ୍ୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଯୋଗ ଦେଇଥିବା ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ସାଂସଦ ଡଃ ମହେଶ ଶର୍ମା, ଡଃ ରବୀନ୍ଦ୍ର ନାରାୟଣ ବେହେରା, ସୁରେନ୍ଦ୍ର ନାଗର, ବିଧାୟକ ପଙ୍କଜ ସିଂହ, ଓ୍ୱାର୍ଲଡ ଓଡ଼ିଶା ସୋସାଇଟିର ଅଧକ୍ଷ କିଶୋର ଦ୍ୱିବେଦୀ, ବରିଷ୍ଠ ବିଜେପି ନେତା ଶ୍ୟାମ ଯାଜୁ, ଉପେନ୍ଦ୍ର ସିଂହ, ରବି ରୋଷନ, ଦିନେଶ ଖାଡ଼?, ବିଶିଷ୍ଟ ଉଦ୍ୟୋଗପତି ରାଜେଶ ସହାୟ, ବ୍ରହ୍ମ ମିଶ୍ର, ନାରୀ ନେତ୍ରୀ ଡଃ ଚ଼ିଦାତ୍ମିକା ଖଟୁଆ, ଧର୍ମଗୁରୁ ଆଚ଼ାର୍ଯ୍ୟ ଶୈଳେଶ ତିୱାରୀ, ସନ୍ଥ ଗୌତମ ଋଷି ଏବଂ ଦିଲ୍ଲୀ ସରକାରର ମନ୍ତ୍ରୀ ସଞ୍ଜୟ ଗେହେଲଟ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ।

ଶ୍ରୀଜୀଉମାନଙ୍କୁ ଜୀବନ୍ତ ସ୍ୱରୂପ ପ୍ରଦାନ କରିବା ପାଇଁ ଉଦ୍ଦିଷ୍ଟ ପ୍ରାଣ ପ୍ରତିଷ୍ଠା ବିଧିକୁ ହିନ୍ଦୁ ଧର୍ମରେ ଏକ ସ୍ୱତନ୍ତ୍ର ମହତ୍ୱ ପ୍ରଦାନ କରାଯାଇଥାଏ । ଏହି ପବିତ୍ର ପର୍ବ ଉପଲକ୍ଷେ ମନ୍ଦିରରେ ସ୍ୱତନ୍ତ୍ର ପୂଜା, ରୀତିନୀତି, ଉପଚ଼ାର, ଆଧାତ୍ମିକ ପ୍ରବଚ଼ନ, ବୈଦିକ ସେବା, ଭଜନ କୀର୍ତ୍ତନ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଗୋଷ୍ଠୀଗତ ବନ୍ଧୁ ମିଳନ ଆଦିର ଭବ୍ୟ ଆୟୋଜନ କରାଯାଇଥିଲା । ବିଭିନ୍ନ ପ୍ରକାରର ନୀତିକାନ୍ତି ସମ୍ପନ୍ନ ହେବା ପରେ ପୁରୀର ମୁକ୍ତି ମଣ୍ଡପ ତରଫରୁ ପ୍ରେରିତ ସେବାୟତମାନଙ୍କ ଦ୍ୱାରା ବହୁ ପ୍ରତିକ୍ଷୀତ ପ୍ରାଣ ପ୍ରତିଷ୍ଠା ପ୍ରକ୍ରିୟା ଚୂଡାନ୍ତ କରାଯାଇଥିଲା । ଏହି ମହାନ ଧାର୍ମିକ ମହୋତ୍ସବରେ ଭାରତବର୍ଷର ବିଭିନ୍ନ ଦେବସ୍ଥାନ ଯଥା:- ଅଯୋଧ୍ୟା, ହରିଦ୍ୱାର, ଋଷିକେଶ, ପୁରୀ ଓ ବାରାଣାସୀ ଆଦି କ୍ଷେତ୍ରରୁ ସାଧୁ, ସନ୍ଥ, ମହାତ୍ମାଙ୍କ ଭଳି ହିନ୍ଦୁ ଧର୍ମର ତୁଙ୍ଗ ନେତୃବୃନ୍ଦ ଆସି ଯୋଗ ଦେଇଥିବା ମନ୍ଦିର ସୂତ୍ରରୁ ପ୍ରକାଶ।

ପ୍ରାଣ ପ୍ରତିଷ୍ଠା ପରେ ମନ୍ଦିରର ଗର୍ଭଗୃହରେ ଶୋଭା ପାଉଥିବା ସୁସଜ୍ଜିତ ରତ୍ନ ସିଂହାସନ ଉପରେ ଦିଅଁମାନଙ୍କର ବିରାଜମାନର ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଓ ଅବିସ୍ମରଣୀୟ ଥିଲା । ଏହି ମହୋତ୍ସବ ଅବସରରେ ପ୍ରତ୍ୟେକ ସନ୍ଧ୍ୟାରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବହୁ ସୁନାମଧନ୍ୟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ପ୍ରଦର୍ଶନ କରି ଦେଖଣାହାରୀମାନଙ୍କୁ ଅଭିଭୂତ କରି ଦେଇଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରେ ସନ୍ତୋଷ ରାଉତଙ୍କର ତତ୍ତ୍ୱାବଧାନରେ ସୁରମହ୍ଲର ଗ୍ରୁପ, ଚ଼ାଟାର୍ଡ ଆକାଉଣ୍ଟାଣ୍ଟ ସୁଧୀର ଦାଶ ଏବଂ ସାଥି , ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଦିଲ୍ଲୀପ ଚୋପ୍ରା, ଅନୀଲ ଚ଼ଞ୍ଚଳ , ବିଖ୍ୟାତ ଭଜନ ଗାୟକ ବିଜୟ ବର୍ମା, ଅମ୍ବିତା ଚ଼ତୁର୍ବ?ଦି, ବିଜୟ ଶର୍ମା, ମୋମାର ବିଶୁ ଓ ରୋହିତ କୁମାର ବବି ଏବଂ ଓଡ଼ିଶାରୁ ଆସିଥିବା ଦାଶ ନୃତ୍ୟଶାଳାର କଳାକାରବୃନ୍ଦ ଅନ୍ୟତମ ଥିଲେ । ପ୍ରତ୍ୟେକ ସନ୍ଧ୍ୟାରେ ପ୍ରଖ୍ୟାତ ଆଧାତ୍ମିକ ପ୍ରବଚ଼କ ସ୍ୱାମୀ ମାଧବାନନ୍ଦ ମହାରାଜ ଶ୍ରୀଜଗନ୍ନାଥ ଅମୃତ କଥା ଉପସ୍ଥାପନ କରିଥିଲେ। ସମଗ୍ର ପାଞ୍ଚଦିନ ଧରି ମା ଖରାଖାଇ କୀର୍ତ୍ତନ ମଣ୍ଡଳୀ ସେମାନଙ୍କର ସୁଲଳିତ ବାଜଣା ଓ ସୁମଧୁର ଭକ୍ତି ସଙ୍ଗୀତରେ ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲେ।

ପ୍ରାଣ ପ୍ରତିଷ୍ଠା ମହୋତ୍ସବକୁ ସୁଚ଼ାରୁ ରୂପେ ଆୟୋଜନ ଓ ସୁରୁଖୁରରେ ସମାପନ କରିବାରେ ପରିଚ଼ାଳନାରେ କମିଟିର ସୁଦକ୍ଷ ସଦସ୍ୟ ବୃନ୍ଦ ଯଥା:- ନିଗମ ମହାନ୍ତି, ପ୍ରଶାନ୍ତ ଖିଲାର, ଅଭିମନ୍ୟୁ ପରିଡ଼ା, କିଶୋର ପରିଡ଼ା, ଦିଲ୍ଲୀପ ସ୍ୱାଇଁ, ରମେଶ ନାୟକ, ଅକ୍ଷୟ ସ୍ୱାଇଁ, ପ୍ରକାଶ ରାୟ, ଆଦିତ୍ୟ ସ୍ୱାଇଁ, ଦେବବ୍ରତ ମିଶ୍ର, ସୁବ୍ରତ ଜେନା, ସୁବଳ ବେହେରା ରବୀନ୍ଦ୍ର ନାୟକ, ପ୍ରସାଦ ପରିଡ଼ା, ପ୍ରଭାତ ଜେନା, ଅରୁଣ ସ୍ୱାଇଁ, ଶିବରାମ ପାଣିଗ୍ରାହୀ, ଭରତ ପ୍ରଧାନ, ଏ.ଆର୍. ପରିଜା, ଯୁଧିଷ୍ଠିର ନାୟକ, ସୁଶାନ୍ତ ସୂତାର, ଅଜୟ କୁଅଁର, ହଳଧର ପାତ୍ର, ରବି ରାଉତ, ବିଶ୍ୱ ରଞ୍ଜନ ସ୍ୱାଇଁ, ଦେବବ୍ରତ ନାୟକ, ଅନୁପ ପରିଡ଼ା, ସନି ପରିଡ଼ା, ମହେଶ ପରିଡ଼ା ଓ ବିକ୍ରମ ପରିଡ଼ାଙ୍କର ଭୂମିକା ଖୁବ ଉଲ୍ଲେଖନୀୟ ଥିଲା।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

# ଖେଳ ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Wednesday May 21 ଭୁବନେଶ୍ୱର ବୁଧବାର, ୨୧, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଅପରେସନ ସିନ୍ଦୁରର ସଫଳତାକୁ ସମ୍ମାନ; ଜଣାଇ ଗୋଲାମୁଣ୍ଡା ଠାରେ ତ୍ରିରଙ୍ଗା ଯାତ୍ରା ପାଳିତ

ଧର୍ମଗଡ଼ (ପିଏନ):ଆତଙ୍କବାଦ ବିରୋଧରେ ଭାରତୀୟ ସେନାର ଅଦମ୍ୟ ସାହସ, ପରାକ୍ରମର ନିଦର୍ଶନ ତଥା ନିର୍ଣ୍ଣାୟକ ଲଢେଇ ଅପରେସନ ସିନ୍ଦୁରର ସଫଳତାକୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଗୋଲାମୁଣ୍ଡା ଠାରେ ତ୍ରିରଙ୍ଗା ଯାତ୍ରା ପାଳିତ ହୋଇଯାଇଛି । ଏହି ଅବସରରେ ଏକ ବାଇକ ରାଲି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଜୁନାଗଡ଼ ନିର୍ବାଚନ ମଣ୍ଡଳୀ ର ବିଜେପି ବିଧାୟକ ପ୍ରାର୍ଥୀ ମନୋଜ ମେହେର ଯୋଗଦେଇଥିଲେ। ସମସ୍ତେ ତ୍ରିରଙ୍ଗା ହାତରେ ଧରି ବନ୍ଦେ ମାତରମ ଓ ଭାରତ ମାତା କି ଜୟ ଧ୍ୱନୀ ଦେଇ ବାଇକ ରାଲି ସାହାଯ୍ୟରେ ଦଶପୁର ଠାରୁ ଚ଼ପୁରିଆ ପର୍ଯ୍ୟନ୍ତ ଦୀର୍ଘ ୨୫କି.ମି ଶୋଭାଯାତ୍ରା କରିଥିଲେ । ଏଥିରେ ଶହ ଶହ ଲୋକ ଯୋଗଦେଇଥିଲେ।



## ଇଫକୋ ଡିଏଭି ବିଦ୍ୟାଳୟରେ ଗ୍ରୀଷ୍ମ କାଳୀନ କ୍ରିଡା ଶିବିର

ପାରାଦୀପ,(ପି.ଏନ): ଇଫକୋ ଡିଏଭି ବିଦ୍ୟାଳୟରେ କ୍ରୀଡା ବିଭାଗ ତରଫରୁ ୬ ଦିନ ବ୍ୟାପି ଚ଼ାଲିଥିବା ଗ୍ରୀଷ୍ମ କାଳୀନ କ୍ରିଡା ଶିବିର ରବିବାର ଦିନ ଉଦଯାପିତ ହୋଇଯାଇଛି। ଏଥିରେ ଖୋ-ଖୋ, ନେଟ୍ ବଲ୍, ଗୈଡକୁଦ ଓ ଫୁଟବଲ୍ କ୍ରୀଡା କୁ ନେଇ ଶିବିର ଆୟୋଜନ ହୋଇଥିଲା। ପ୍ରଶିକ୍ଷଣ ଶିବିରକୁ ସୁନାକର ରାଉତ (ଖୋ-ଖୋ) , ବିଶ୍ୱବିଜୟ ବିବେକାନନ୍ଦ ବେହେରା (ନେଟ୍ ବଲ) , ବିକାଶ କୁମାର ସ୍ୱାଇଁ (ଦୌଡ଼କୁଦ) ଓ ପ୍ରଦୀପ୍ତ କୁମାର ମହାନ୍ତି (ଫୁଟବଲ୍) ପ୍ରଶିକ୍ଷକ ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷ ସମ୍ବିତ୍ ସୁକୁମାର ଚ଼ିନାରା ତାଙ୍କ ଅଭିଭାଷଣରେ କ୍ରୀଡାର ଉପକାରିତା ଓ ନିତିଦିନ ଜୀବନରେ କ୍ରୀଡାର ଆବଶ୍ୟକତା ବିଷୟରେ ପିଲାମାନଙ୍କୁ ଉପଦେଶ ଦେଇଥିଲେ। ବିଦ୍ୟାଳୟର ପରିଚ଼ାଳନା ସମିତିର ସଦସ୍ୟ ଜୟନ୍ତ କୁମାର ଜେନା ଉଦଯାପନ ଉତ୍ସବରେ ଅତିଥି ରୂପେ



ଯୋଗଦାନ କରିଥିଲେ । ସେ ତାଙ୍କ ଅଭିଭାଷଣ ରେ କୌରବ ଓ ଦ୍ରୋଣ ଗୁରୁଶିଷ୍ୟ ବିଷୟରେ ପିଲାମାନଙ୍କୁ ଆଲୋକପାତ କରାଇଥିଲେ। ସଭାକୁ ଦ୍ୱାଦଶ ଶ୍ରେଣୀର ଛାତ୍ର ଦିନେଶ ପ୍ରଧାନ ସଭାକୁ ପରିଚ଼ାଳନା କରିଥିଲେ ଓ ବିଦ୍ୟାଳୟର ଛାତ୍ର କ୍ୟାବିନେଟ କ୍ରୀଡା ବିଭାଗର ସମ୍ପାଦକ ନିହାର ରଞ୍ଜନ ଦାସ ପ୍ରଶିକ୍ଷଣ ଶିବିର ବିଷୟରେ ନିଜ ଭାଷଣ ମାଧ୍ୟମରେ ସମସ୍ତଙ୍କୁ ଅବଗତ କରାଇଥିଲେ। ବିଦ୍ୟାଳୟର କ୍ରୀଡା ଶିକ୍ଷକ ସୌର ମୋହନ ସାମଲଙ୍କ ତତ୍ତ୍ୱାବଧାନରେ ଏହି ଗ୍ରୀଷ୍ମ କାଳୀନ ଶିବିର ଅନୁଷ୍ଠିତ ହୋଇଥିଲା। ଶେଷରେ ଦଶମ ଶ୍ରେଣୀ ଛାତ୍ର କୁମାର କୃତ୍ତିବାସ ମୋହନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନନ୍ତ ବଳିଆ ସେବାସଂଘ ପକ୍ଷରୁ ଭାଗବତ କଥା



କେନ୍ଦ୍ରାପଡ଼ା,(ପି.ଏନ):ଅନନ୍ତ ବଳିଆ ସେବାସଂଘ କେନ୍ଦ୍ରାପଡ଼ା ଶାଖା ଓ ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାସଂଘର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୨, ୨୩ ଓ ୨୪ ତାରିଖରେ ଦୀନବନ୍ଧୁ ସାହୁ ଆଇନ୍ ମହାବିଦ୍ୟାଳୟ ନିକଟରେ ଏକ ସଙ୍କୀର୍ତ୍ତନ ସମାବେଶ ଓ ଭାଗବତ ଆଲୋଚନା ଅନୁଷ୍ଠିତ ହେବ। ସେଥିରେ ବାବା ବଳିଆ ଯୋଗଦେଇ ପ୍ରବଚନ ପ୍ରଦାନ କରିବେ। ଏ ସଂକ୍ରାନ୍ତରେ ଗୋପ ଶ୍ରୀରାମମନ୍ଦିର ପରିସରରେ ମଙ୍ଗଳବାର ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଅନନ୍ତ ବଳିଆ ଟ୍ରଷ୍ଟର ବାବାଜୀ ପ୍ରଣବାନନ୍ଦ ଦାସ ସୂଚନା ପ୍ରଦାନ କରି କହିଲେ ଯେ ପଦ୍ମଶ୍ରୀ ବାବା ବଳିଆଙ୍କ ଆଭିମୁଖ୍ୟ ଶାନ୍ତି, ସଦ୍ଭାବନା, ସଂହତି, ସଦାଚାର, କରୁଣା, ପ୍ରେମ ଆଦି ମଣିଷ ମନରୁ ଅପସରି ଯାଉଛି । ସମ୍ପର୍କର ମୂଲ୍ୟବୋଧ ଓ ସମ୍ପର୍କର ସୁରକ୍ଷା ମୁହୂର୍ତ୍ତ ମୁହୂର୍ତ୍ତରେ ହତ୍ୟା ହୋଇ ଚାଲିଛି। ସ୍ୱାର୍ଥ ଓ ମୁଁ କାର ସମଗ୍ର ବିଶ୍ୱରେ ହିଂସାର ତାଣ୍ଡବ ରଚୁଛି । ପ୍ରକୃତି ଓ ପରିବେଶ ଆଜି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ପାଣିପାଗ ଓ ଜଳବାୟୁ ସମ୍ପୂର୍ଣ୍ଣ ଅନିୟମିତ ହେବାରେ ଲାଗିଛି। ମାଟି, ପାଣି, ପବନ, ଆକାଶ ଆଜି ବିଷାକ୍ତ । ବୃଦ୍ଧ, ବୃଦ୍ଧାମାନେ ଅବହେଳିତ। ପାରିବାରିକ ଜୀବନ ଅଭିଶପ୍ତ। ଜୀବ ସକଳ ମଣିଷ ପାଖରେ ଅସୁରକ୍ଷିତ ଓ ଆତଙ୍କିତ ହୋଇପଡିଛି । ବୃକ୍ଷ, ତରୁ, ତୃଣ, ଲତା ଆଜି ଶ୍ରୀହୀନ ହୋଇ ପଡିଛି। ଲଣ୍ଡା ପାହାଡ଼ ଓ ଭୂତଳ ଜଳ ନିଷ୍କାସନ ପାଇଁ ଧରିତ୍ରୀ ଶୁଷ୍କ । ସଂସ୍କାର ବିହୀନ ସନ୍ତାନ ପରିବାରର ଚିନ୍ତାର କାରଣ ସାଜିଛି। ନିଶା ମାଦକର ଅଭ୍ୟାସରେ ଅକାଳ ମୃତ୍ୟୁ ଓ ପାରିବାରିକ ଅଶାନ୍ତି ବଢି ଚାଲିଛି ବୋଲି ସେ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ଶ୍ରୀଜଗନ୍ନାଥ ସଙ୍କୀର୍ତ୍ତନ ମହାମଣ୍ଡଳର ସଭାପତି ନବଘନ ନାୟକ, ସମ୍ପାଦକ ଅଭୟ କୁମାର ଶତପଥୀ, ବାବାଜୀ ପରାତ୍ମା ଦାସ, ବାବାଜୀ ଗୁରୁକୃଷ୍ଣ ଦାସ, ପ୍ରସନ୍ନ କୁମାର ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀକୁ ପ୍ରଜ୍ଞାନନ୍ଦ ଦାସ ଓ ନିରାକାର ସ୍ୱାଇଁ ପରିଚାଳନା କରିଥିଲେ।

### ଅବସର ପ୍ରାପ୍ତ ଅଗ୍ନିଶମ ହାବିଲଦାରଙ୍କ ପରଲୋକ

ଖୋର୍ଦ୍ଧା ,(ପି.ଏନ): ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଗ୍ରାମର ଓଡିଶା ଅଗ୍ନିଶମ ପୋଲିସ ବିଭାଗର ଅବସର ପ୍ରାପ୍ତ ହାବିଲଦାର ସନାଉଲ୍ଲାଃ ଖାଁଙ୍କର ପରଲୋକ ହୋଇଯାଇଛି । ସେ ଗତ କିଛିଦିନ ଧରି ରୋଗରେ ପିଡୀତ ଥାଇ ଘରେ ଚ଼ିକିତ୍ସିତ ହେଉଥିଲେ । ଚ଼ିକିତ୍ସାଧିନ ଅବସ୍ଥାରେ ରବିବାର ଦିନ ୮୫ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା । ତାଙ୍କ ପରଲୋକରେ ସମଗ୍ର କେରଙ୍ଗ ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ତାଙ୍କ ପରଲୋକ ଖବର ପାଇ ସମସ୍ତ ବନ୍ଧୁବାନ୍ଧବ, ଅଗ୍ନିଶମ ପୋଲିସ ସହପାଠୀ ସହ ଶତାଧିକ ମାନ୍ୟଗଣ୍ୟ ଲୋକ ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଥିଲେ

## ଫରଙ୍ଗ ଠାରେ ବ୍ଲକର ପ୍ରଥମ ମଣ୍ଡି ଉଦଘାଟିତ



ଧର୍ମଗଡ଼ (ପି ଏନ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ପେକ୍ସ ଫରଙ୍ଗ ଧାନ ମଣ୍ଡି ମଙ୍ଗଳବାର ସକାଳ ୧୧ଟା ରେ ଉଦଘାଟିତ ହୋଇ ଯାଇଛି । ମୁଖ୍ୟ ଅତିଥି ଭାବରେ ଗୋଲାମୁଣ୍ଡା ତହସିଲଦାର ଚ଼ନ୍ଦନ କୁମାର ନାୟକ ଏହାକୁ ଉଦଘାଟନ କରିଥିଲେ । ଆଜିର ଏହି ଉଦଘାଟନ ସମୟରେ ଏସଆର ବିଶ୍ୱନାଥ ସିଂ, ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଶ୍ୟାମ ସୁନ୍ଦର ଅଗ୍ରୱାଲ ସମେତ ପେକ୍ସ କର୍ମଚ଼ାରୀ, ପେକ୍ସ ପ୍ରେସିଡେଣ୍ଟ ଉଦିଆ ନିଆଲ , ପେକ୍ସ ସେକ୍ରେଟାରୀ କିରୋଟି ପ୍ରଧାନ, ସ୍ଥାନୀୟ ସରପଞ୍ଚ ପ୍ରତିନିଧି ପୂର୍ଣ୍ଣଚ଼ନ୍ଦ୍ର ଭୋଇ , ନୋଡାଲ ଅଫିସର ଉର୍ମିଳା ନାଗ , ଆର.ଏମ.ସି କର୍ମଚ଼ାରୀ ତପନ ନାଏକ, ତ୍ରିନାଥ କାଣ୍ଡ, ରତ୍ନାକର ହଂସ, ଧୀରେନ୍ଦ୍ର ହଂସ ଏବଂ ଚ଼ାଷୀ ଉପସ୍ଥିତ ଥିଲେ।ଗୋଲାମୁଣ୍ଡା ବ୍ଲକ ରେ ୬ ଟି ମଣ୍ଡି ରୁ ଗୋଟିଏ ମଣ୍ଡିରେ ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ପାଇଁ ଚ଼ୟନ ହୋଇଥିବା ବେଳେ ୫ ଟି ମଣ୍ଡି ରେ ପ୍ୟାକ୍ସ ଧାନ କ୍ରୟ କରିବ ।

## ପୂର୍ବତନ ସାଂସଦ ତଥା ପାରାଦୀପ ପୋର୍ଟ ଶ୍ରମିକ ସଙ୍ଘ ପ୍ରତିଷ୍ଠାତା କମ୍ରେଡ ଲୋକନାଥ ଚୌଧୁରୀଙ୍କ ଜନ୍ମ ସତବର୍ଷିକୀ ପାଳିତ

ପାରାଦୀପ,(ପି.ଏନ);ପୂର୍ବତନ ଲୋକସଭା ସାଂସଦ,, ପାରାଦୀପ ପୋର୍ଟ ଶ୍ରମିକ ସଙ୍ଘ ର ପ୍ରତିଷ୍ଠାତା ତଥା ସାମ୍ୟବାଦୀ ନେତା କମ୍ରେଡ଼ ଲୋକନାଥ ଚୌଧୁରୀଙ୍କ ଜନ୍ମ ଶତବାର୍ଷିକୀ ମଧୁବନ ସ୍ଥିତ ଶ୍ରମିକ ଭବନ ପରିସରରେ ସୋମବାର ସନ୍ଧ୍ୟାରେ ସମାରୋହରେ ପାଳିତ ହୋଇଯାଇଛି କ୍ଷ ବରିଷ୍ଠ ସାମ୍ବାଦିକ ଚ଼ିତ୍ତ ରଞ୍ଜନ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ପାରାଦୀପ ପୋର୍ଟ ଶ୍ରମିକ ସଂଘର ସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା କମ୍ୟୁନିଷ୍ଟ ନେତା ରମଣୀ ରଞ୍ଜନ ଦାସ, ସମ୍ମାନିତ ଅତିଥି ଭାବେ ୟୁନିୟନ ର ସାଧାରଣ ସମ୍ପାଦକ ନନ୍ଦଲାଲ ସିଂ, ବଡପଡ଼ିଆ ବଣିକ ସଙ୍ଘ ସଭାପତି କ୍ଷୀରୋଦ କୁମାର ସ୍ୱାଇଁ, ପାରିଷଦ ଅଜିତ ଷଡଙ୍ଗୀ, ସମ୍ପାଦକ ବିଚ଼ିତ୍ରା ନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲୋକନାଥ ଚୌଧୁରୀଙ୍କ ଶ୍ରମିକ ମାନଙ୍କ ହକ ପାଇଁ ସବୁବେଳେ ସଂଗ୍ରାମ କରୁଥିଲେ । ପାରାଦୀପ ସମେତ କୁଜଙ୍ଗ, ରାହମା, ଜଗତସିଂହପୁର ଓ ରାଜ୍ୟର ବହୁ ସ୍ଥାନରେ ତାଙ୍କର ଜନ୍ମ ଶତ ବାର୍ଷିକ ପାଳନ କରାଯାଇଛି ।ପାରାଦୀପ ପ୍ରତି ତାଙ୍କର ଅଗାଢ ଆନୁଗତ୍ୟ ଥିଲା। ଦେଶ ଜାତି ପାଇଁ, ଶ୍ରମିକ ଖଟିକିଆ ଓ ଅବହେଳିତ ମାନଙ୍କ ପାଇଁ ଯିଏ ସେବା କରି ଚ଼ାଲି ଯାଇଛନ୍ତି ତାଙ୍କୁ ଆମେ ମନେ ରଖି ସେମାନଙ୍କର ପୂଜ୍ୟ ପୂଜା କରିବାର ଆବଶ୍ୟକତା ରହିଛି ବୋଲି ମୁଖ୍ୟ ଅତିଥି ଶ୍ରୀ ବିଶ୍ୱାଳ ଉଲ୍ଲେଖ କରିଥିଲେ। ପାରାଦୀପ ରେ ବନ୍ଦର ପ୍ରତିଷ୍ଠା ହେବା ନେଇ ସେ ବିଜୁ ବାବୁଙ୍କୁ ସବୁବେଳେ ଉତ୍ସର୍ଗିକୃତ କରୁଥିଲେ। ନୂତନ ଓଡିଶା ଗଠନ କରିବା ରେ ତାଙ୍କର ଅବଦାନ ଥିଲା ଅତୁଳନୀୟ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶେଷରେ ୟୁନିୟନ ର ସମ୍ପାଦକ ତଥା ଯୁବନେତା ଆଲୋକ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।






Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray